## ସଂକ୍ଷେପରେ

### ଜାତୀୟ ମେଧାବୃତ୍ତି ପରୀକ୍ଷା, ୧୪ ଅନୁପସ୍ଥିତ

**ଆସିକା,୧୬।୧୧ (ଡି.ଏନ୍.ଏ.):** ଆସିକା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଶନିବାର ଜାତୀୟ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ଆସିକା ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ନବମ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସମୁଦାୟ ୩୬୧ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବାକୁ ଥିବାବେଳେ ୩୪୭ ଜଣ ପରୀକ୍ଷା ଦେଇଥିଲେ। ୧୪ ଜଣ ଅନୁପସ୍ଥିତ ଥିବା ଜଣାପଡିଛି। ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଜଲି ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ପରୀକ୍ଷା ପରିଚାଳିତ ହୋଇଥିଲା।

### ଓଷ୍ଟାର ଶିଶୁ ଉତ୍ସବ

**ଭଞ୍ଜନଗର, ୧୬।୧୧(ଡି.ଏନ୍.ଏ.):** ଭଞ୍ଜନଗର ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଶନିବାର ଓଷ୍ଟା ପକ୍ଷରୁ ଶିଶୁ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ରାଜ୍ୟ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ ସଭାପତି ଜଗବନ୍ଧୁ ଜେନା ମୁଖ୍ୟ ଅତିଥି ଓ ଡ଼. ବିଜୟ ଚନ୍ଦ୍ର ମହାରଣା, ଜ୍ଞାନଚାନ୍ଦ ଜଗନ୍ନାଥ, ରବି ନାରାୟଣ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ଶିକ୍ଷକ ନେତା ସନ୍ତୋଷ ଜେନା ସଭା ସଂଯୋଜନା କରିଥିଲେ। ବ୍ଲକର ୧୨ଟି ହାଇସ୍କୁଲର ଛାତ୍ରୀଛାତ୍ର ପ୍ରତିଯୋଗୀତାରେ ଭାଗ ନେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ, ପ୍ରବନ୍ଧ, ବକ୍ତୃତା ଆଦି ପ୍ରତିଯୋଗୀତା ହୋଇଥିଲା।

### ପକାରୀରେ ବିଏସ୍ଏନ୍ଏଲ ଟାୱାର କାର୍ଯ୍ୟକ୍ଷମ

**ଫିରିଙ୍ଗିଆ,୧୬।୧୧:** ପକାରୀ ପଞ୍ଚାୟତବାସୀଙ୍କ ଦୀର୍ଘଦିନର ଦାବି ପୂରଣ ହୋଇଛି। କିଛିଦିନ ଧରି କାମ ହୋଇ ଆସୁଥିବା ଏକ ବିଏସ୍ଏନ୍ଏଲ୍ ଟାୱାର ଶନିବାର କାର୍ଯ୍ୟକ୍ଷମ ହୋଇଛି। ବିଶେଷ କଥା ହେଉଛି ପକାରୀରେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁରଙ୍କ ଘର। ଏହି ଟାୱାର ୨ରୁ ଅଢ଼େଇ କିମି ମଧ୍ୟରେ କାର୍ଯ୍ୟ କରିବ। ୱାର କାର୍ଯ୍ୟକ୍ଷମ ହେବାପରେ ପଞ୍ଚାୟତବାସୀଙ୍କ ମଧ୍ୟରେ ଖୁସିର ବାତାରଣ ଖେଳି ଯାଇଛି।

### ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନମେଳା

**ଭଞ୍ଜନଗର, ୧୬।୧୧(ଡି.ଏନ୍.ଏ.):** ବାଉଁଶଲୁଣ୍ଡିସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଶନିବାର ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ର ସେମାନଙ୍କ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଚାରକ ଭାବେ ଶ୍ରୀବତ୍ସ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦିଗାମ୍ବର ପ୍ରଧାନ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଚିନ୍ମୟ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ବିଦ୍ୟାଳୟସ୍ତରରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଲୁକ୍କାୟିତ ଅବସ୍ଥାରେ ଥିବା ବିଜ୍ଞାନ ପ୍ରତିଭାକୁ ଖୋଜି ବାହାର କରିବା ଲକ୍ଷ୍ୟନେଇ ଏହି ମେଳା ହୋଇଥିଲା।

# ବର୍ଷାରେ ଫସଲ କ୍ଷତିର ରିପୋର୍ଟ ଜିଲାପାଳଙ୍କୁ ପ୍ରଦାନ

- ନଷ୍ଟ ହୋଇଛି ୬,୮୪୯ ହେକ୍ଟର ଜମିର ଧାନ
- ରଙ୍ଗେଇଲୁଣ୍ଡାରେ ସର୍ବାଧିକ
- ଫସଲ ବୀମା ସହାୟତା ଉପରେ ଗୁରୁତ୍ୱ

**ଛତ୍ରପୁର,୧୬।୧୧(ଡି.ଏନ.ଏ)**


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଗଞ୍ଜାମ ଜିଲାରେ ଅକ୍ଟୋବର ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ଲଘୁଚାପଜନିତ ଲଗାଣ ବର୍ଷା ହୋଇଥିଲା। ଏଥିରେ ୧୨ ବ୍ଲକ ଅଧୀନ ୧୨୫ ପଞ୍ଚାୟତ ଓ ୩ ଏନଏସି ଅଞ୍ଚଳର ଫସଲ କ୍ଷତି ହୋଇଛି। କୃଷି ବିଭାଗ ପକ୍ଷରୁ ଫସଲ କ୍ଷତି ଆକଳନ କରାଯାଇ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ୧୨୫ ପଞ୍ଚାୟତ ଓ ୩ ଏନ୍ଏସିରେ ୬ହଜାର ୮୪୯.୯୯ ହେକ୍ଟର ଜମିର ଧାନ ଏବଂ ୧୧୧.୨୦ ହେକ୍ଟର ଜମିରେ ହୋଇଥିବା ଅନ୍ୟାନ୍ୟ ଫସଲ କ୍ଷତି ହୋଇଥିବା କୃଷି ବିଭାଗ ଆକଳନ କରିଛି। ଶନିବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଏହି ରିପୋର୍ଟ ଉପରେ ଆଲୋଚନା ବୈଠକ ହୋଇଥିଲା। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏଥିରେ ଅଧ୍ୟକ୍ଷତା କରିଥିଲେ। କୃଷି, ସମବାୟ ଓ ପ୍ରଧାନମନ୍ତ୍ରୀ ଫସଲ ବୀମା କମ୍ପାନୀ କର୍ତ୍ତୃପକ୍ଷ ଉପସ୍ଥିତ ଥିଲେ।

ଉକ୍ତ ଲଘୁଚାପ ବର୍ଷାରେ ଜିଲାରେ ୨୬୨୫.୧୮ ହେକ୍ଟର ଧାନ ଫସଲ ୩୩ % କ୍ଷତି ହୋଇଥିବା ବେଳେ ୨୨୭୪.୭୧ ହେକ୍ଟର ୩୩ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ କ୍ଷତି ହୋଇଛି। ସେହିପରି ୧୯୪୯.୫୫ ହେକ୍ଟର ଜମିରେ ଧାନ ଫସଲ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ କ୍ଷତି ହୋଇଥିବା ଆକଳନ କରାଯାଇଛି। ଛତ୍ରପୁର ସବଡିଭିଜନର ୮୬ ପଞ୍ଚାୟତ, ବ୍ରହ୍ମପୁର ସବଡିଭିଜନର ୧୪ ପଞ୍ଚାୟତ ଓ ଭଞ୍ଜନଗର ସବଡିଭିଜନର ୨୫ ପଞ୍ଚାୟତର ଧାନ ଫସଲ କ୍ଷତି ହୋଇଥିବା ବୈଠକରେ ସୂଚନା ଦିଆଯାଇଛି। ରଙ୍ଗେଇଲୁଣ୍ଡା ଓ ଖଲ୍ଲିକୋଟ ବ୍ଲକରେ ଧାନ ଫସଲ ବିଶେଷ କ୍ଷତି ହୋଇଛି। ରଙ୍ଗେଇଲୁଣ୍ଡା ବ୍ଲକର କ୍ଷତିଗ୍ରସ୍ତ ଚାଷୀମାନଙ୍କୁ କିଭଳି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସହାୟତା ମିଳିପାରିବ ତାହା ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ଉପସ୍ଥିତ ବୀମା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ପଦକ୍ଷେପ ନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବର୍ଷା ପାଣିରେ ବିଭିନ୍ନ ସ୍ଥାନରେ ଧାନ ଓ ଅନ୍ୟ ଫସଲ କିଭଳି ବୁଡି ରହିଥିଲା ସେ ସବୁର ଫଟୋ ଜିଲାପାଳ ବୀମା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଦେଖାଇଥିଲେ। ନିୟମ ଅନୁଯାୟୀ ବୀମା କରିଥିବା ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ସହାୟତା ମିଳିବ ବୋଲି ବୀମା କମ୍ପାନୀ କର୍ତ୍ତୃପକ୍ଷ କହିଥିଲେ।

ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ୧୦ ପଞ୍ଚାୟତରେ ୧୧୬୫.୫୫ ହେକ୍ଟର ଧାନ ଫସଲ ୫୦ ପ୍ରତିଶତରୁ ଉର୍ଦ୍ଧ୍ୱ କ୍ଷତି ହୋଇଛି। ସେଥିମଧ୍ୟରେ କୋଳଥିଗାଁ ପଞ୍ଚାୟତରେ ୧୮୮ ହେକ୍ଟର, ଫୁଲଟାରେ ୨୨୦ ହେକ୍ଟର, ଗଉଞ୍ଜୁ ପଞ୍ଚାୟତର ୧୫୪ ହେକ୍ଟର, ମେଣ୍ଡରାଜପୁର ପଞ୍ଚାୟତର ୧୫୦ ହେକ୍ଟର, ଇନ୍ଦ୍ରାକ୍ଷୀ ପଞ୍ଚାୟତର ୬୦ ହେକ୍ଟର, କମଳାପୁର ପଞ୍ଚାୟତର ୧୬ ହେକ୍ଟର, ଡୁରା ପଞ୍ଚାୟତର ୧୮ ହେକ୍ଟର, ମନ୍ଦ୍ରିଡି ପଞ୍ଚାୟତର ୨୦୨.୧୫ ହେକ୍ଟର, କୁଠାରସିଙ୍ଗି ପଞ୍ଚାତୟର ୪୦.୦୩ ହେକ୍ଟର ଓ ବିଶ୍ୱନାଥପୁର ପଞ୍ଚାୟତର ୧୧୭.୩୭ ହେକ୍ଟର ଧାନ ଫସଲ କ୍ଷତି ରହିଛି। ସେହିପରି ଖଲ୍ଲିକୋଟ ବ୍ଲକର ୬୦୯ ହେକ୍ଟର ଜମିରେ ହୋଇଥିବା ଧାନ ଫସଲ ୫୦ ପ୍ରତିଶତ କ୍ଷତି ହୋଇଥିବା ବେଳେ ୧୬୪ ହେକ୍ଟର ଜମିରେ ଧାନ ଫସଲ ୩୩ରୁ ୫୦ ପ୍ରତିଶତ ମଧ୍ୟରେ କ୍ଷତି ହୋଇଥିବା ଆକଳନ ହୋଇଛି। ଅନ୍ୟପକ୍ଷରେ ଲଘୁଚାପଜନିତ ଉକ୍ତ ବର୍ଷାରେ ଜିଲାର ଅନ୍ୟ ୯ ବ୍ଲକରେ ଫସଲ ପ୍ରଭାବିତ ହୋଇନି। ସୂଚନାଯୋଗ୍ୟ, ଅକ୍ଟୋବର ୨୩ ରୁ ୨୫ ତାରିଖ ମଧ୍ୟରେ ଜିଲାରେ ୧୭୮.୦୫ ମି.ମି. (ଆଭରେଜ୍) ବର୍ଷା ହୋଇଥିଲା। ସେଥିମଧ୍ୟରେ ୨୩ ତାରିଖରେ ୧୮.୧୬ ମି.ମି., ୨୪ ତାରିଖରେ ୧୨୫.୧୯ ମି.ମି. ଓ ୨୫ ତାରିଖରେ ୩୪.୭ ମି.ମି. ବର୍ଷା ରେକର୍ଡ କରାଯାଇଥିଲା।

## ଗଞ୍ଜାମ ଭାଜପାର ବିକ୍ଷୋଭ

**ବ୍ରହ୍ମପୁର ଅଫିସ,୧୬।୧୧**

ଗଞ୍ଜାମ ସାଙ୍ଗଠନିକ ଜିଲା ଭାଜପା ପକ୍ଷରୁ ଶନିବାର ବ୍ରହ୍ମପୁର ପୁରୁଣା ବସଷ୍ଟାଣ୍ଡ ଛକରେ ଜାତୀୟ କଂଗ୍ରେସର ପୂର୍ବତନ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କ ବିରୋଧରେ ସ୍ଲୋଗାନ ଦିଆଯିବା ସହ ତାଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ରାଫାଲ ଯୁଦ୍ଧବିମାନ କିଣା ମାମଲାରେ ସୁପ୍ରିମକୋର୍ଟ ଦ୍ୱିତୀୟ ଥର କେନ୍ଦ୍ର ସରକାଙ୍କୁ କ୍ଲିନଚିଟ ଦେଇଛନ୍ତି। ଏହାଦ୍ୱାରା କେନ୍ଦ୍ର ସରକାର ତଥା ପ୍ରଧାନମନ୍ତ୍ରୀଙ୍କ ବିରୋଧରେ କଂଗ୍ରେସ ଓ ଏହାର ନେତା ରାହୁଲ ଗାନ୍ଧୀଙ୍କ ଅଭିଯୋଗ ମିଛ ପ୍ରମାଣିତ ହୋଇଛି। ତେଣୁ ରାହୁଲ କ୍ଷମା ମାଗିବା ଦାବି ନେଇ ଭାଜପା ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ କରିଛି। ଏହି କ୍ରମରେ ଗଞ୍ଜାମ ଜିଲା ସଭାପତି କାହ୍ନୁଚରଣ ପତିଙ୍କ ନେତୃତ୍ୱରେ ଭାଜପା ଓ ଛାମୁଆ ସଂଗଠନର ନେତା ଏବଂ କର୍ମୀମାନେ ଏକାଠି ହୋଇ ବିକ୍ଷୋଭ ପ୍ରଦର୍ଶନ ପରେ କୁଶ ପୁତ୍ତଳିକା ଦାହ କରିଥିଲେ। ଅପରପକ୍ଷରେ ପ୍ରଧାନମନ୍ତ୍ରୀଙ୍କୁ ଚୌକିଦାର ଚୋର ହୈ ମନ୍ତବ୍ୟ ଦେଇଥିବା ରାହୁଲଙ୍କୁ କୋର୍ଟ ତାଗିଦ କରିଥିବାରୁ ସେ ସର୍ବସାଧାରଣରେ କ୍ଷମା ମାଗିବାକୁ ପତି ଦାବି କରିଛନ୍ତି।

# ବ୍ରହ୍ମପୁର ଜେଲରେ ୭୬୩ କଏଦୀ

## କାରାଗାରରେ ମା' ସହ ଜଣେ ଶିଶୁ

**ବ୍ରହ୍ମପୁର ଅଫିସ,୧୬।୧୧**

ବ୍ରିଟିଶ ଶାସନ ସମୟରେ ୧୮୬୩ ମସିହାରେ ସ୍ଥାପିତ ବ୍ରହ୍ମପୁର ମଣ୍ଡଳ କାରାଗାରକୁ ୧୫୬ ବର୍ଷ ପୂରିଛି। ଏଠାରେ ୭୪୩ କଏଦୀ ରହିବା ବ୍ୟବସ୍ଥାଥିବାବେଳେ ବିଭିନ୍ନ ସମୟରେ ଏହାଠାରୁ ଅଧିକ ରହୁଛନ୍ତି। ଶନିବାର ସୁଦ୍ଧା ୨୯ ମହିଳାଙ୍କ ସମେତ ୭୬୩ ଦଣ୍ଡ ଭୋଗୁଥିବା ଓ ବିଚାରାଧୀନ କଏଦୀ ଥିବା ସୂଚନା ମିଳିଛି। ମା' ସହ ଜଣେ ଶିଶୁ ମଧ୍ୟ ଥିବା ଜଣାଯାଇଛି। ଜେଲ ନିୟମ ପ୍ରକାରେ ୬ ବର୍ଷ ବୟସ ପର୍ଯ୍ୟନ୍ତ ସନ୍ତାନ ମା' ସହ ବନ୍ଦୀଶାଳାରେ ରହିପାରିବେ। ସେମାନଙ୍କୁ ଜେଲ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ବ୍ୟବସ୍ଥାରେ ରଖିପାରିବେ।

ଜେଲ କର୍ତ୍ତୃପକ୍ଷ କହିବାନୁସାରେ ବିଭିନ୍ନ ସମୟରେ କଏଦୀ ଓ ବିଚରାଧୀନ ବନ୍ଦୀଙ୍କ ସଂଖ୍ୟା ବଢୁଛି। କୋର୍ଟରୁ ଜାମିନ ପାଇ କେତେକ ମୁକୁଳୁଥିବାବେଳେ ମାମଲାରେ ଛନ୍ଦି ହୋଇ ଆଉ କେତେକ ଭିତରକୁ ଆସୁଛନ୍ତି। ୨୯ ମହିଳାଙ୍କ ମଧ୍ୟରୁ ଅର୍ଦ୍ଧେକ ସଜା କାଟୁଥିବା ବେଳେ ଅନ୍ୟମାନେ ବିଚରାଧୀନ ଅଛନ୍ତି। କାରାଗାରରେ ମହିଳା ଓ ପୁରୁଷଙ୍କ ପାଇଁ ସ୍ୱତନ୍ତ୍ର ସ୍ଥାନ ବ୍ୟବସ୍ଥା ରହିଛି। ଜେଲ ଭିତରେ ଡ଼ାକ୍ତରଖାନା ଅଛି। ଏହି ପୁରାତନ ଜେଲରେ ରାଜ୍ୟର ଏକମାତ୍ର ଫାଶୀଖୁଣ୍ଟ ଅଛି। ସ୍ୱାଧୀନତା ଆନ୍ଦୋଳନର ମହାନ ସଂଗ୍ରାମୀ ତଥା ବିପ୍ଳବୀ ଆଦିବାସୀ ନେତା ଲକ୍ଷ୍ମଣ ନାୟକଙ୍କୁ ବ୍ରିଟିଶ ସରକାର ୧୯୪୩ ମାର୍ଚ୍ଚ ୨୯ରେ ଫାଶୀ ଦେଇଥିଲେ। ୧୯୯୪ ମସିହା ସୁଦ୍ଧା ଏହି ଫାଶୀଖୁଣ୍ଟରେ ୬ ଜଣ ଝୁଲିଛନ୍ତି। ଲକ୍ଷ୍ମଣ ନାୟକଙ୍କୁ ଶହୀଦ ଆଖ୍ୟା ଦିଆଯାଇଛି। ଜେଲ ସାମ୍ନାରେ ତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ଫାଶୀ ପାଇବା ପର୍ଯ୍ୟନ୍ତ ସେ ରହୁଥିବା ଜେଲ ଭିତରେ ସ୍ୱତନ୍ତ୍ର ସେଲକୁ ଜାତୀୟ ସ୍ମାରକୀ ମାନ୍ୟତା ମିଳିଛି। ତାଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଦିବସରେ ସରକାରୀ କାର୍ଯ୍ୟକ୍ରମରେ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।

## ଯୁବତୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

**ଫୁଲବାଣୀ ଅଫିସ, ୧୬।୧୧**

ଜିଲା ମୁଖ୍ୟ ଚିକିତ୍ସାଳୟ ଜାତୀୟ ସ୍ୱାସ୍ଥ୍ୟ ମିଶନରେ କାର୍ଯ୍ୟରତ ଜଣେ କର୍ମଚାରୀ ଜଣେ ଯୁବତୀଙ୍କୁ ତାଙ୍କ ଭଡାଘରେ ଦୁର୍ବ୍ୟବହାର କରିଥିବା ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସମ୍ପୃକ୍ତ କର୍ମଚାରୀଙ୍କୁ ଥାନାକୁ ଡାକି ପଚରା ଉଚରା କରିଛି। ହେଲେ ଉଭୟ ଯୁବତୀ ଏବଂ ସମ୍ପୃକ୍ତ କର୍ମଚାରୀଙ୍କ ମଧ୍ୟରେ ବୁଝାମଣା ହୋଇ ଯାଇଥିବା ପୋଲିସ ସୂଚନା ଦେଇଛି। ସୂଚନା ଅନୁଯାୟୀ, ସମ୍ପୃକ୍ତ କର୍ମଚାରୀ ଓ ଯୁବତୀ ଉଭୟ ଟିକାବାଲି ଅଞ୍ଚଳର। ଯୁବକ ଜଣକ ବିବାହିତ ଓ ସେମାନେ ପରସ୍ପର ଜଣାଶୁଣା। କୌଣସି କାମରେ ଶୁକ୍ରବାର ଯୁବତୀ ଜଣକ ଫୁଲବାଣୀ ଆସିଥିବାବେଳେ ପରସ୍ପର ମଧ୍ୟରେ ଦେଖା ହୋଇଥିଲା। ଯୁବକ ଜଣକ ତାଙ୍କୁ ଭଡା ଘରକୁ ନେଇ ଟଣାଓଟରା କରିଥିଲେ। ଯୁବତୀ ଜଣକ କାନ୍ଦିବାରୁ ସେ ଛାଡି ଦେଇଥିଲେ। ଏ ନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିବାରୁ ପୋଲିସ ନଂ.୧୬୭/୧୯ରେ ମାମଲା ରୁଜୁ କରିଛି।

## ବିଦ୍ୟାଳୟରେ ବିଭିନ୍ନ ପ୍ରତିଯୋଗିତା

**ଗଞ୍ଜାମ,୧୬।୧୧(ଡି.ଏନ.ଏ.)**

ପୁଇଁତୋଳା ଏମ୍ଇ ସ୍କୁଲରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ସଙ୍ଗୀତ, ନୃତ୍ୟ, ବକ୍ତୃତା ଆଦି ପ୍ରତିଯୋଗିତା ହୋଇଥିଲା। ଏଥିସହ ଏକ ସଭା ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଗ୍ରାସୀମ ଇଣ୍ଡଷ୍ଟ୍ରିଜ ଡେପୁଟି ଜେନେରାଲ ମ୍ୟାନେଜର (ଡିଜିଏମ୍) ରବୀନ୍ଦ୍ର କୁମାର ମାହାନ୍ତି, ମୁଖ୍ୟବକ୍ତା ଭାବେ ବିଜେଡି ଯୁବନେତା ସୁଧୀର କୁମାର ପାଢ଼ୀ, ସମ୍ମାନିତ ଅତିଥି ଭାବେ ଭାରତୀ ବିଦ୍ୟାପୀଠର ବରିଷ୍ଠ କିରାଣୀ ହରି ବାରିକ, ଗ୍ରାସୀମ କମ୍ପାନୀ ସିଏସ୍ଆର ସୁଶାନ୍ତ କୁମାର ଦାସ, ମନୋଜ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ସାମାଜିକ କର୍ମୀ ଉମାକାନ୍ତ ବେହେରା କାର୍ଯ୍ୟକ୍ରମ ସଂଯୋଜନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥି ପୁରସ୍କୃତ କରିଥିଲେ। ପ୍ରଧାନ ଶିକ୍ଷକ ବିଷ୍ଣୁଚରଣ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।




## ପାହାଡ଼ରୁ ନାବାଳକଙ୍କ କଙ୍କାଳ ଉଦ୍ଧାର ଘଟଣା

# ଘରକୁ ଆସିବାକୁ ବିରୋଧ କରିବାରୁ ହତ୍ୟା

### ହତ୍ୟାକାରୀ ଗିରଫ, ଜଣେ ଫେରାର

**ବୁଗୁଡ଼ା,୧୬।୧୧(ଡି.ଏନ.ଏ.)**

କେ.ନୂଆଗାଁ ଥାନା ଦିଗବାରିଣୀ ପାହାଡ଼ ନିକଟସ୍ଥ କେରାଣ୍ଡିମାଳ ଜଙ୍ଗଲରୁ ଶୁକ୍ରବାର ପୋଲିସ ଯଜ୍ଞସେନ ଜେନା (୧୫)ଙ୍କ କଙ୍କାଳ ଉଦ୍ଧାର କରିଥିଲା। ନଂ. ୨୬୫/୧୯ରେ ମାମଲା ରୁଜୁ କରି ବୁଗୁଡ଼ା ପୋଲିସ ଜରଡ଼ା ଥାନା ହରଡ଼ମରାର କୃଷ୍ଣଚନ୍ଦ୍ର ଗୌଡ଼ଙ୍କୁ ଅଟକ ରଖିଥିଲା। ଶନିବାର ତାଙ୍କୁ ଗିରଫ କରାଯାଇଛି। କୃଷ୍ଣ ଓ ତାଙ୍କର ଜଣେ ସାଙ୍ଗ ମିଶି ଯଜ୍ଞସେନଙ୍କୁ ପଥରରେ ଛେଚି ହତ୍ୟା କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ପୋଲିସକୁ କହିଛନ୍ତି। ଯଜ୍ଞସେନଙ୍କ ଘରକୁ କୃଷ୍ଣଚନ୍ଦ୍ର ଯିବାଆସିବା କରୁଥିଲେ। ଏହାକୁ ସେ ବିରୋଧ କରିବାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ କହିଛି।

ପ୍ରକାଶ ଯେ, ଜରଡ଼ା ଥାନା ହରଡ଼ମରାରର ପରମେଶ୍ୱର ଜେନା ବୁଗୁଡ଼ା ଥାନା ଝୋଲରୀର ଅଞ୍ଜଳିଙ୍କୁ ବିବାହ କରି ସେଠାରେ ରହୁଥିଲେ। ୨ବର୍ଷ ପୂର୍ବେ କୃଷ୍ଣଚନ୍ଦ୍ର ଝୋଲରୀ ଆସି ହିଟାଚି ଡ୍ରାଇଭର ଭାବେ କାମ କରୁଥିଲେ। ଏହି ସମୟରେ ପରମେଶ୍ୱରଙ୍କ ବଡ଼ପୁଅ ବାଦଲ କୃଷ୍ଣଙ୍କର ଗାଡ଼ିର ହେଲପର ରୂପେ କାମ କରି ଅନ୍ୟତ୍ର ଯାଉଥିଲେ। ଉଭୟଙ୍କ ପରିବାର ସହ ଭଲ ସମ୍ପର୍କ ଥିଲା। ଗତ ଅଗଷ୍ଟ ୨୯ରେ କୃଷ୍ଣଚନ୍ଦ୍ର ପରମେଶ୍ୱରଙ୍କ ଘରେ ଆସି ୩ରୁ୪ ଦିନ ରହିଥିଲେ। ପରେ ସେପ୍ଟେମ୍ବର ୨ରେ ଯଜ୍ଞସେନଙ୍କୁ ବଡ଼ଭାଇ ବାଦଲ ପାଖରେ ଛାଡ଼ିଦେବି ବୋଲି ନେଇ ଯାଇଥିଲେ। କିଛିଦିନ ପର୍ଯ୍ୟନ୍ତ ଯଜ୍ଞସେନ ନ ଆସିବାରୁ ମା' ପୁଅ ବିଷୟରେ କୃଷ୍ଣଙ୍କୁ ପଚାରିଥିଲେ। କିନ୍ତୁ ସେ ସେଠାରେ ଠିକ୍ ଅଛି ବୋଲି କୃଷ୍ଣଚନ୍ଦ୍ର କଥା ବୁଲାଇଦେଉଥିଲେ। ପରେ ୪୦ ହଜାର ଟଙ୍କା ଦେଇ ପୁଅକୁ ନେଇ ଯାଅ ବୋଲି କୃଷ୍ଣ କହିବାରୁ ପରମେଶ୍ୱର ଟଙ୍କା ଧରି ଯାଇଥିଲେ ମଧ୍ୟ ପୁଅକୁ ପାଇ ନ ଥିଲେ। ମା' ଅଞ୍ଜଳି ଗୁରୁବାର ଥାନାରେ କୃଷ୍ଣଚନ୍ଦ୍ର ବିରୋଧରେ ଅଭିଯୋଗ କରିଥିଲେ। ବୁଗୁଡ଼ା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା ସମେତ କେ.ନୂଆଗାଁ ଆଇଆଇସି କୃଷ୍ଣଚନ୍ଦ୍ରଙ୍କୁ ଧରି କେରାଣ୍ଡିମାଳ ଜଙ୍ଗଲକୁ ଯାଇ ଯଜ୍ଞସେନଙ୍କ କଙ୍କାଳ ଉଦ୍ଧାର କରିଥିଲେ। କୃଷ୍ଣଙ୍କୁ ପଚାରିବାରୁ ସେ ଓ ତାଙ୍କ ସାଙ୍ଗ ମିଶି ଗତ ସେପ୍ଟେମ୍ବର ୫ରେ ଯଜ୍ଞସେନଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିଲେ। ତାଙ୍କ ସାଙ୍ଗ ଫେରାର ଅଛନ୍ତି।

# ବଡ଼କୋଦଣ୍ଡାରେ ଶର୍ଟ ସର୍କିଟରୁ ଅଗ୍ନିକାଣ୍ଡ

**ଭଞ୍ଜନଗର,୧୬।୧୧(ଡି.ଏନ୍.ଏ.)**

ଭଞ୍ଜନଗର ବ୍ଲକ ବଡ଼ଦାଣ୍ଡସାହିର ଭି. କସ୍ତୁରୀ ପାତ୍ରଙ୍କ ଘରେ ସଟ୍ ଶର୍କିଟରୁ ଶନିବାର ସକାଳେ ନିଆଁ ଲାଗିଯାଇଥିଲା। ଭଞ୍ଜନଗର ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ କରିଥିଲା। ଏଥିରେ କସ୍ତୁରୀଙ୍କ ଟିଭି ସମେତ କିଛି ସାମଗ୍ରୀ ପୋଡ଼ି ଯାଇଛି। ପ୍ରକାଶ ଯେ, କସ୍ତୁରୀ ଶନିବାର ସକାଳେ ଘରେ ତାଲା ପକାଇ ଭଞ୍ଜନଗର ସହରକୁ କୌଣସି କାମରେ ଆସିଥିଲେ। ଏହି ସମୟରେ ଘରୁ ନିଆଁ ବାହାରିଥିଲା। ପଡ଼ୋଶୀ ଦେଖି ଦମକଳ ବାହିନୀକୁ ଜଣାଇଥିଲେ।

# ରାଷ୍ଟ୍ର ବିକାଶରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭଞ୍ଜନଗର, ୧୬।୧୧(ଡି.ଏନ୍.ଏ.)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟରେ ଶନିବାର ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଏଥିରେ ରାଷ୍ଟ୍ର ବିକାଶରେ ଗଣମାଧ୍ୟମର ଭୂମିକା ଉପରେ ଏକ ଆଲୋଚନାଚକ୍ର ହୋଇଥିଲା। ବିଭିନ୍ନ ସମୟରେ ଗଣମାଧ୍ୟମ ସଂସ୍ଥା ଓ ତାର ପ୍ରତିନିଧିମାନେ ଚାପ ହେଉ କିମ୍ବା ପ୍ରଲୋଭନର ବଶବର୍ତ୍ତୀ ହୋଇ ସମାଜକୁ ଭୁଲ ବାର୍ତ୍ତା ଦେଉଛନ୍ତି। ଯାହାକି ଏକ ସୁସ୍ଥ ରାଷ୍ଟ୍ର ଗଠନରେ ବାଧା ସୃଷ୍ଟି କରୁଛି। ଏକାଠି ହୋଇ ନିର୍ଭୀକତାର ସହ କାମ କଲେ ରାଷ୍ଟ୍ରର ବିକାଶ ହୋଇପାରିବ। ରାଷ୍ଟ୍ର ବିକାଶରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆୟୋଜିତ ସଭାରେ ବକ୍ତାମାନେ କହିଥିଲେ। ପ୍ରେସ୍କ୍ଲବ ସଭାପତି ଲୋକନାଥ କର ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ଅଧ୍ୟକ୍ଷ ଡ଼. ନୀଳାଞ୍ଚଳ ମୁନି ମୁଖ୍ୟ ଅତିଥି, ପ୍ରଶାସନିକ ଅଧିକାରୀ ଡ଼. ସୁବାସ ଚନ୍ଦ୍ର ପ୍ରଧାନ, ଯୁକ୍ତ୨ ବୈଷୟିକ ଶିକ୍ଷାନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ଡ଼. ବିନୋଦ ଚନ୍ଦ୍ର ଦାସ, ସହ ପ୍ରଶାସନିକ ଅଧିକାରୀ ଡ଼. ରବୀନ୍ଦ୍ର ନାଥ ପାଳ, ଖବରଦାତା ରବୀନ୍ଦ୍ର ନାଥ ପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।



ମଞ୍ଚାସୀନ ଅତିଥି।

କୁଷ୍ଠ ରୋଗ ଚିହ୍ନଟ ଅଭିଯାନ ୨୦୧୯

NATIONAL HEALTH MISSION
ଜାତୀୟ ସ୍ୱାସ୍ଥ୍ୟ ମିଶନ
କୁଷ୍ଠ ରୋଗ ଆରୋଗ୍ୟ ସାଧ୍ୟ
DSPL-151

ରାଜ୍ୟର ସମସ୍ତ ସହରାଞ୍ଚଳରେ ଏହି ଅଭିଯାନ ଚଳିତ ମାସ ନଭେମ୍ବର ୧୮ ରୁ ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏହି ସମୟରେ ତାଲିମ୍ ପ୍ରାପ୍ତ ଆଶା ଓ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ କୁଷ୍ଠ ରୋଗ ସର୍ବେକ୍ଷଣ କରିବେ। ଏଣୁ ଏହି ଅଭିଯାନରେ ସମସ୍ତେ ସାମିଲ୍ ହୋଇ କୁଷ୍ଠ ରୋଗ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବାକୁ ଅନୁରୋଧ।

ନିଜେ ଜାଣନ୍ତୁ ଓ ଅନ୍ୟମାନଙ୍କୁ ଜଣାନ୍ତୁ :

- କୁଷ୍ଠ ଏକ ଜୀବାଣୁ ଜନିତ ସାଧାରଣ ରୋଗ, ଏହି ରୋଗ ଛୁଇଁବା ଦ୍ୱାରା ବ୍ୟାପେ ନାହିଁ କିମ୍ବା ଏହା ଏକ ଅଭିଶାପ ଜନିତ ରୋଗ ନୁହେଁ।
- ବଧିରା ଛଉ, ଚର୍ମ ମୋଟା ହୋଇ ତେଲିଆ ବା ଚିକ୍କଣ ଦେଖାଯିବା, କାନ ବା ଶରୀରରେ ଛୋଟ ଛୋଟ ଗୁଳି ସୃଷ୍ଟି ହେବା, ହାତ ପାଦ ଶୁଖିଲା ହୋଇ ବଧିରା ଲାଗିବା ବା ଆଖି, ହାତ ଓ ପାଦର ମାଂସପେଶୀ ଦୁର୍ବଳ ଲାଗିବା କୁଷ୍ଠ ରୋଗର ପ୍ରାଥମିକ ଲକ୍ଷଣ।
- ପ୍ରାଥମିକ ଅବସ୍ଥାରୁ ଚିକିତ୍ସା କଲେ ରୋଗୀ ବିକଳାଙ୍ଗ ହୁଏ ନାହିଁ।
- ଏମ୍.ଡି.ଟି. ଦ୍ୱାରା କୁଷ୍ଠରୋଗ ସମ୍ପୂର୍ଣ୍ଣ ଆରୋଗ୍ୟସାଧ୍ୟ। ଏହା ସମସ୍ତ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ।



ଅଧିକ ସୂଚନା ପାଇଁ ଆଶା, ସ୍ୱାସ୍ଥ୍ୟକର୍ମୀ କିମ୍ବା ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସହ ପରାମର୍ଶ କରନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା

10003/13/0053/1920
facebook.com/HFWOdisha
http://www.health.odisha.gov.in/
@HFWOdisha

## ଏ ସପ୍ତାହର କାର୍ଯ୍ୟକ୍ରମ

**୧୭।୧୧।୨୦୧୯ (ରବିବାର)**

- ବୁଦ୍ଧଖୋଲ ଉନ୍ନୟନ ସମିତିର ବୈଠକ। ସ୍ଥାନ- ବୁଦ୍ଧଖୋଲ, ସମୟ- ମଧ୍ୟାହ୍ନ ୧୨ଟା।
- ମଧୁମେହ, ଚକ୍ଷୁ ଚିକିତ୍ସା ଶିବିର। ସ୍ଥାନ-ପ୍ରଜାପିତା ଆଶ୍ରମ, ଡୁରା, ସମୟ-ସକାଳ ୭ଟା।

**୧୮।୧୧।୨୦୧୯ (ସୋମବାର)**

- ଶ୍ରୀଜଗନ୍ନାଥ କଥାମୃତ ଓ ପାରାୟଣ ମହାଯଜ୍ଞ। ସ୍ଥାନ- ପ୍ରାଣୀ ସମ୍ପଦ ଚିକିତ୍ସାଳୟ ପରିସର, ସମୟ- ସନ୍ଧ୍ୟା ୭ଟା। ( ସୋମବାର - ବୁଧବାର)

**୨୧।୧୧।୨୦୧୯ (ଗୁରୁବାର)**

- ମହାଲକ୍ଷ୍ମୀ ପୂଜା ଉତ୍ସବ। ସ୍ଥାନ- ବାଲିପଦର ଛକ, ସମୟ- ପୂର୍ବାହ୍ନ ୧୦ଟା।

**୨୨।୧୧।୨୦୧୯ (ଶୁକ୍ରବାର)**

- ଶ୍ରୀ ଜଗନ୍ନାଥ କଥାମୃତ ଓ ପାରାୟଣ ଯଜ୍ଞ ଉଦ୍‌ଯାପିତ। ସ୍ଥାନ- ବୁଗୁଡ଼ା ପ୍ରାଣୀ ସମ୍ପଦ ଚିକିତ୍ସାଳୟ, ସମୟ- ସନ୍ଧ୍ୟା ୭ଟା।

**୨୩।୧୧।୨୦୧୯ (ଶନିବାର)**

- ଶିକ୍ଷକ ତାଲିମ ଶିବିର। ସ୍ଥାନ- ନ୍ୟୁଏରା ପବ୍ଲିକ ସ୍କୁଲ, ସମୟ- ପୂର୍ବାହ୍ନ ୧୦ଟା।

## ଟ୍ରେନ ଧକ୍କାରେ ଯୁବକ ଗୁରୁତର

**ବ୍ରହ୍ମପୁର ଅଫିସ,୧୬।୧୧:** ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ନିକଟରେ ଶନିବାର ଅପରାହ୍ନରେ ଟ୍ରେନ ଧକ୍କାରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ସୋରଡା ଥାନା ଅନ୍ତର୍ଗତ ବୁଜୁଡ଼ା ଗ୍ରାମର ଅନୀଲ କୁମାର ସେଠୀ (୩୩) । ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସରେ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଇଥିଲେ। ସେଠାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଅନୀଲଙ୍କ ପରିବାର ଲୋକଙ୍କ ସହ ସ୍ଥାନୀୟ ପୋଲିସ ଯୋଗାଯୋଗ କରିଛି। ତେବେ ଏ ସମ୍ପର୍କରେ ଜିଆର୍‌ପି ପାଖରେ କୌଣସି ଠିକ ଖବର ନଥିବା ଜଣାପଡିଛି।

## ଚନ୍ଦ୍ରଶେଖର ସାଂସ୍କୃତିକ ଅନୁଷ୍ଠାନର ବୈଠକ

**ବ୍ରହ୍ମପୁର ଅଫିସ,୧୬।୧୧:** ଚନ୍ଦ୍ରଶେଖର ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଚନ୍ଦ୍ରଶେଖର ଦେଉଳ ସାହିସ୍ଥିତ ମନ୍ଦିର ପରିସରରେ ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ କର୍ପୋରେଟର ଦଣ୍ଡପାଣି ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ନାଟ୍ୟକାର ତ୍ରିପତି ନାୟକ, ବରିଷ୍ଠ ସାଂସ୍କୃତିକ ସଙ୍ଗଠକ ଚିତ୍ରସେନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମହାଶିବରାତ୍ରୀ ଉପଲକ୍ଷେ ଅନୁଷ୍ଠାନ ପକ୍ଷରୁ ପରିବେଶିତ ହେବାକୁ ଥିବା ନାଟକର ବହି ଶୁଭାରମ୍ଭ କରାଯାଇଥିଲା । ସନ୍ତୋଷ ପାଇକରାୟଙ୍କ ନିର୍ଦ୍ଦେଶିତ ଏହି ନାଟକର ସଙ୍ଗୀତ ନିର୍ଦ୍ଦେଶନା ପାଇଁ ଅଜୟ ପାଢୀଙ୍କୁ ଦାୟିତ୍ୱ ଦିଆଯାଇଥିଲା । କୁରେଶୁ ମହାନ୍ତି, ମଙ୍ଗଳା ଚରଣ ପଲେଇ, ଚନ୍ଦ୍ରଶେଖର ନାୟକ, ଶ୍ରୀକୃଷ୍ଣ ରାଉଳ, ନାରାୟଣ ମହାପାତ୍ର ପ୍ରମୁଖ ବହୁ କଳାକାର ବୈଠକରେ ଯୋଗଦେଇଥିଲେ ।

## ଦେବରାଜ ସାହିତ୍ୟ ଅନୁଷ୍ଠାନରେ ପ୍ରତିଯୋଗିତା

**ବ୍ରହ୍ମପୁର ଅଫିସ, ୧୬।୧୧:** ଦେବରାଜ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ କୃପାସିନ୍ଧୁପୁର ସତ୍ୟବାଦୀ ନୋଡ଼ାଲ ହାଇସ୍କୁଲରେ ସଂଗୀତ, ବକ୍ତୃତା ଓ ସାଧାରଣଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ୍ ଭଗବାନ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ପଣ୍ଡିତ ଶିଶିର କୁମାର ଶତପଥୀ, ସମ୍ମାନିତ ଅତିଥିଭାବେ ଶିକ୍ଷକ ମନୋଜ ଦଳେଇ ଯୋଗଦେଇଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନର ଅଧକ୍ଷ ବିଷ୍ଣୁ ପ୍ରସାଦ ତ୍ରିପାଠୀ, କୋଷାଧକ୍ଷା ବିରଜା ତ୍ରିପାଠୀ, ଶିକ୍ଷୟିତ୍ରୀ ଲିପିକା ନାୟକ, ସରିତା ନାୟକ, ଦଣ୍ଡପାଣି ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ସମସ୍ତ ଛାତ୍ରୀଛାତ୍ରଙ୍କୁ ନୂତନ ବର୍ଷର କ୍ୟାଲେଣ୍ଡର ସହ ପେନ୍, ଚକୋଲେଟ୍ ଓ ମିଷ୍ଟାନ୍ନ ବଣ୍ଟାଯାଇଥିଲା । ସଂପାଦିକା ସୁଧାଞ୍ଜଳି ମିଶ୍ର ଧନ୍ୟବାଦ ଦେଇଥିଲେ ।

### ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ବୈଠକ

# ସର୍ବସାଧାରଣରେ ମଦ ବ୍ୟବହାର ନିଷ୍ପତ୍ତିକୁ ବିରୋଧ

**ବ୍ରହ୍ମପୁର ଅଫିସ,୧୬।୧୧**

ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ମାସିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଫେସର ଡ. ରବିନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଉପଦେଷ୍ଟା ପ୍ରଫେସର ଡ. ବ୍ରଜମୋହନ ସାସମଲ, ଆଇନ ପରାମର୍ଶଦାତା ଜିତେନ୍ଦ୍ର କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ରାଧାଚରଣ ନାୟକ, ସାଧାରଣ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ପ୍ରମୁଖ ମଞ୍ଚାସୀନ ଥିଲେ। ସାଧାରଣ ସମ୍ପାଦକ ଶ୍ରୀପଲ୍ଲବ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏଥିସହ ବ୍ରହ୍ମପୁର ଷ୍ଟେଶନ ମ୍ୟାନେଜରଙ୍କ ଜରିଆରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏବଂ ରେଳମନ୍ତ୍ରୀଙ୍କୁ ଅନୁଷ୍ଠାନ ତରଫରୁ ଦିଆଯାଇଥିବା ଦାବିପତ୍ର ସମ୍ପର୍କରେ ଅବଗତ କରାଇଥିଲେ। ରାଜ୍ୟ ସରକାର ମେଳା, ମହୋତ୍ସବ ଆଦିରେ ମଦ ବ୍ୟବସାୟ କରାଯାଇପାରିବ ବୋଲି ନିଷ୍ପତ୍ତି ନେଇଛନ୍ତି। ମଦ କାରବାରକୁ ରାଜ୍ୟର ବିଭିନ୍ନ ଅଞ୍ଚଳରେ ବିଶେଷକରି ଆଦିବାସୀ ବହୁଳ ଅଞ୍ଚଳରେ ମହିଳାମାନେ ବିରୋଧ କରୁଛନ୍ତି। ଏଭଳି ସ୍ଥିତିରେ ସରକାରଙ୍କ ଏପରି ବ୍ୟବସ୍ଥାକୁ ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି। ଏହା ଅତ୍ୟନ୍ତ ନିନ୍ଦନୀୟ ବୋଲି ମଞ୍ଚ ପକ୍ଷରୁ କୁହାଯିବା ସହ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରି ଗଣ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ବୈଠକରେ କୋଷାଧକ୍ଷ ନରସିଂହ ପାଣିଗ୍ରାହୀ, ସଂଗଠନ ସମ୍ପାଦକ ଚିତ୍ତରଞ୍ଜନ ପଣ୍ଡା, ଉପସଭାପତି ଗୋପାଳକୃଷ୍ଣ ପାଢୀଙ୍କ ସମେତ ଡା. ପ୍ରାଣଚାନ୍ଦ ପଣ୍ଡା, ହାଡିବନ୍ଧୁ ମାଳୀ, ପ୍ରମୋଦିନୀ ପଣ୍ଡା, ସ୍ୱର୍ଣ୍ଣପ୍ରଭା ମିଶ୍ର, ଆଶୁତୋଷ ପାତ୍ର, ବିଚିତ୍ରାନନ୍ଦ ବେବର୍ତ୍ତା, ତ୍ରିନାଥ ପଣ୍ଡା, ଲଡୁକେଶ ମିଶ୍ର, ସୁବାସ ଚନ୍ଦ୍ର ସୁବୁଦ୍ଧି, ବିଜୟ କୁମାର ସାହୁ, ଇ.ଡିଲେଶୁ ରେଡ୍ଡୀ, ଶ୍ୟାମାପ୍ରସାଦ ପାଢୀ, ଗୌରୀ ଶଙ୍କର ପଟ୍ଟନାୟକ, ଜଗଦୀଶ୍ୱର ନାୟକ, ଅଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ମଞ୍ଚାସୀନ କର୍ମକର୍ତ୍ତା ।

## ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସଫଳତା


ମେଧାବୃତ୍ତି ପାଇବାକୁ ଥିବା ଛାତ୍ରୀଛାତ୍ରଙ୍କ ସହ ଶିକ୍ଷୟିତ୍ରୀ, ଶିକ୍ଷକମାନେ।

**ବ୍ରହ୍ମପୁର ଅଫିସ,୧୬।୧୧**

ତୃତୀୟ ଓ ପଞ୍ଚମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାଫଳ ପ୍ରକାଶ ପାଇଛି । ଏଥିରେ ଶିବାନନ୍ଦ ନଗର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ରମାନେ ସଫଳତା ହାସଲ କରିଛନ୍ତି । ତୃତୀୟ ଶ୍ରେଣୀ ବୃତ୍ତି ପରୀକ୍ଷାରେ ବିଦ୍ୟାଳୟର କହ୍ନୁଚରଣ ମହାନ୍ତି ରଙ୍ଗେଇଲୁଣ୍ଡା ବ୍ଲକସ୍ତରରେ ଚତୁର୍ଥ ସ୍ଥାନ ଅଧିକାର କରିଥିବା ବେଳେ ରିତେଶ ରାଉତ ସପ୍ତମ, ଶୁଭ୍ରା ମହାପାତ୍ର ଅଷ୍ଟମ ସ୍ଥାନ ଅଧିକାର କରି ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ପଞ୍ଚମ ଶ୍ରେଣୀ ବୃତ୍ତି ପରୀକ୍ଷାରେ ରିତିଶା ପାଣିଗ୍ରାହୀ ୭ମ , ଆଦିତ୍ୟ ରାଉଳ ଅଷ୍ଟମ, ଏ. ଅମୃତା ଅଚାରୀ ୧୩ତମ, ସୁପ୍ରିୟା ମହାରଣା ୧୪ତମ ସ୍ଥାନ ଅଧିକାର କରି ବୃତ୍ତି ପାଇବାକୁ ଯୋଗ୍ୟତା ହାସଲ କରିଛନ୍ତି । ଛାତ୍ରୀଛାତ୍ରଙ୍କର ଏହି ସଫଳତା ପାଇଁ ଅନୁଷ୍ଠାନର ପରିଚାଳନା ସମିତିର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ, ଉପସଭାପତି ଦେବେନ୍ଦ୍ର କୁମାର ପାଢୀ, ସମ୍ପାଦକ ଯଜ୍ଞ ନାରାୟଣ ପାଠୀ, ଯୁଗ୍ମ ସମ୍ପାଦକ ଜୟରାମ ସ୍ୱାଇଁ, ବିଦ୍ୟାଳୟର ପ୍ରତିଷ୍ଠାତା ଗୌରୀଶଙ୍କର ପାତ୍ର, ପ୍ରଧାନ ଆଚାର୍ଯ୍ୟ ମମତା କୁମାରୀ ପଟ୍ଟନାୟକ ଶୁଭେଚ୍ଛା ଜଣାଇଛନ୍ତି ।

## ବ୍ରାହ୍ମଣ ପୁରୋହିତ ସମିତିର ସାଧାରଣ ବୈଠକ

**ବ୍ରହ୍ମପୁର ଅଫିସ,୧୬।୧୧**

ଗଞ୍ଜାମ ଜିଲା ବ୍ରାହ୍ମଣ ପୁରୋହିତ ସମିତିର ସାଧାରଣ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି । ପାଣିଗ୍ରାହୀପେଣ୍ଠସ୍ଥିତ ରଘୁନାଥ ମନ୍ଦିର ପରିସରରେ ସମିତିର ଉପସଭାପତି ନରସିଂହ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମିତିର ବିଭିନ୍ନ ଦାବି ଉପରେ ଆଲୋଚନା କରାଯାଇଥିଲା । ବ୍ରାହ୍ମଣମାନଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ନେଇ ଆସନ୍ତା ଜାନୁୟାରୀ ୧ ତାରିଖରେ ଆର୍‌ଡିସି ଓ ବ୍ରହ୍ମପୁର ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା । ଏଥିସହ ଜାନୁୟାରୀ ୧କୁ ନବବର୍ଷ ପାଳନ ନ କରି ଚୈତ୍ର ଶୁକ୍ଳ ପ୍ରତିପଦାକୁ ହିନ୍ଦୁ ନବବର୍ଷ ଭାବେ ପାଳନ କରିବାକୁ ସଭାପତି ଆହ୍ୱାନ ଦେଇଥିଲେ। ଜାନୁୟାରୀ ୧୦ ଓ ୧୧ ଦୁଇଦିନ ବ୍ୟାପୀ ସମିତିର ୨୨ତମ ବାର୍ଷିକ ଉତ୍ସବ କମାପଲ୍ଲୀ ବୈଦ୍ୟନାଥେଶ୍ୱର ମନ୍ଦିର ପରିସରରେ ପାଳନ କରାଯିବାକୁ ସ୍ଥିର କରାଯାଇଥିଲା । ବୈଠକରେ ସମିତିର ସମ୍ପାଦକ ସନ୍ତୋଷ କୁମାର ତ୍ରିପାଠୀ, କୋଷାଧକ୍ଷ ଅପୂର୍ବ କୁମାର ଆଚାର୍ଯ୍ୟଙ୍କ ସମେତ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ନିଆଁ ଲିଭାଇବା କୌଶଳ ଶିଖାଯାଉଛି।

## ରେଡ୍‌ରୋଜ୍ ଚିଲ୍‌ଡ୍ରେନ ଫେଷ୍ଟିଭାଲ

**ବ୍ରହ୍ମପୁର ଅଫିସ,୧୬।୧୧**

'କ୍ରାନ୍ତି' ଅନୁଷ୍ଠାନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ରେଡ୍‌ରୋଜ୍ ଚିଲ୍‌ଡ୍ରେନ୍ ଫେଷ୍ଟିଭାଲ୍ - ୨୦୧୯ ସ୍ଥାନୀୟ ହିଲ୍‌ପାଟଣା ସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ବିଧାୟକ ବିକ୍ରମ କୁମାର ପଣ୍ଡା ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ । କ୍ରାନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଦେବାନନ୍ଦ ଦାଶ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। କଲାମ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସମ୍ପାଦକ ସନ୍ତୋଷ କୁମାର ଜେନା, ଖବରଦାତା ଜଗନ୍‌ମୋହନ ମହାପାତ୍ର, ଦିଲ୍ଲୀ ପବ୍ଲିକ୍ ସ୍କୁଲ୍‌ର ସମ୍ପାଦକ ଇଂ. ପ୍ରଶାନ୍ତ କୁମାର ପାତ୍ର, ଏସ୍‌ଏମ୍‌ଆଇଟି ସଭାପତି ଡ. ଭଗବାନ ଗନ୍ତାୟତ, ଗଞ୍ଜାମ ଜିଲ୍ଲା ଯୁବ ବିଜେଡ଼ି ସଭାପତି ଧନଞ୍ଜୟ ରାଓ, ବିଜେଡ଼ି ଯୁବ ନେତା ସଞ୍ଜିତ୍ ପାଣିଗ୍ରାହୀ, ନାରୀ ହସ୍ପିଟାଲ୍‌ର ନିର୍ଦ୍ଦେଶିକା ନିଳାଙ୍ଗୀନୀ ପାଢ଼ୀ, ନାଟ୍ୟକାର ଓ ସାମାଜିକ କର୍ମୀ କେ. ବଳରାମ ଦାଶ, ବାଲ୍ୟରାମ ଦଳେଇ, ସୋଲମ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜ୍‌ମେଣ୍ଟ ଷ୍ଟଡ଼ିଜ୍‌ର ନିର୍ଦ୍ଦେଶକ ସଞ୍ଜୟ କୁମାର ସାହୁ, ମଦର୍ ଗ୍ରେସ୍ ପବ୍ଲିକ୍ ସ୍କୁଲ୍‌ର ଚେୟାର୍‌ମ୍ୟାନ୍ ଧର୍ମେନ୍ଦ୍ର କୁମାର ପାଢ଼ୀ ଏବଂ ଅଧ୍ୟକ୍ଷ କୁଳଜିତ୍ ମହାନ୍ତି, ଆସ୍ଥା ହସ୍ପିଟାଲ୍‌ର ମ୍ୟାନେଜିଂ ଡାଇରେକ୍ଟର ପ୍ରମୋଦ କୁମାର ପାଢ଼ୀ, ବରୁଣା ପମ୍ପର କାର୍ତ୍ତିକ ପରିଡ଼ା, ପାମା ଟିର ବିବେକ ପଣ୍ଡା ଓ ପ୍ରଡୋଷ୍ଟ୍ରେର ନିର୍ଦ୍ଦେଶକ ବନମାଳୀ ନେପାକ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇ ବିଦ୍ୟାର୍ଥୀମାନଙ୍କୁ ଶିଶୁ ଦିବସର ଉଦ୍ଦେଶ୍ୟ ଅବଗତ କରାଇବା ସହ ଉତ୍ସାହିତ କରିଥିଲେ। ଏହି ଅବସରରେ କୁନି କୁନି ଛାତ୍ରୀଛାତ୍ରମାନେ ଦଳଗତ ନୃତ୍ୟ ପରିବେଷଣ କରିଥିଲେ। ପୂର୍ବରୁ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର ପ୍ରାୟ ୧ ହଜାର ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁକୁନ୍ଦ ସାହୁ ଉଦ୍‌ଘୋଷକ ଦାୟିତ୍ୱ ତୁଲାଇଥିବା ବେଳେ କ୍ରାନ୍ତି ଅନୁଷ୍ଠାନର ସଞ୍ଜୟ କୁମାର ରଥ, ଦେବରାଜ ରାଉତ, ନିର୍ମଳା ଦାଶ, ମାନସ ରଞ୍ଜନ ରଥ, ଅନିଲ୍ କୁମାର ସେଠୀ, ଦେବବ୍ରତ ଗୌଡ଼, ସୁନିତା ପଣ୍ଡା, ସୁଭଦ୍ରା ସାହୁ, ସୁଶ୍ରୀ ଲାବଣ୍ୟା, ଶୁଭଶ୍ରୀ ପଟ୍ଟନାୟକ, ଜଗଦୀଶ ପାଣିଗ୍ରାହୀ, ରେଶମା ଦଳେଇ ଓ ସୁଶୀଲ୍ ପାଢ଼ୀଙ୍କ ସମେତ ଅନ୍ୟ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ରେଡ୍‌ରୋଜ ଚିଲ୍‌ଡ୍ରେନ ଫେଷ୍ଟିଭାଲରେ କୁନି ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

## ସିଟି ହସ୍ପିଟାଲରେ ଅଗ୍ନିଶମ ବିଭାଗର ମକ୍‌ଡ୍ରିଲ

**ବ୍ରହ୍ମପୁର ଅଫିସ,୧୬।୧୧**

ବ୍ରହ୍ମପୁର ଅଗ୍ନିଶମ ବିଭାଗ ତରଫରୁ ଶନିବାର ସିଟି ହସ୍ପିଟାଲରେ ମକ୍‌ଡ୍ରିଲ କରାଯାଇଛି। ହସ୍ପିଟାଲରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଲେ ନିଆଁକୁ କିପରି ଆୟତ୍ତ କରାଯାଇ ପାରିବ ତାହାର କୌଶଳ କର୍ମଚାରୀମାନଙ୍କୁ ଶିଖାଯାଇଥିଲା। ଫାୟାର ଷ୍ଟେଶନ ଅଫିସର ଉଗ୍ରେସନ ସାଇଙ୍କ ନେତୃତ୍ୱରେ ମୁଖ୍ୟ ଆଗ୍ନିକ ସୁରେଶ କୁମାର ମିଶ୍ର, ଆଗ୍ନିକ ରଘୁନାଥ ସେଠୀ ଓ ଶ୍ରୀନିବାସ ବେଉରା ପ୍ରମୁଖ ସିଟି ହସ୍ପିଟାଲରେ କାର୍ଯ୍ୟରତ କର୍ମଚାରୀ, ନର୍ସ, ଡାକ୍ତର ଓ ସୁରକ୍ଷା କର୍ମୀଙ୍କୁ ଅଗ୍ନିନିର୍ବାପକ ଯନ୍ତ୍ର ସାହାଯ୍ୟରେ ନିଆଁକୁ କିପରି ଆୟତ୍ତ କରାଯାଇପାରିବ ତାହା ଶିଖାଇଥିଲେ। ହସ୍ପିଟାଲ ପରିସରରେ ଏକ ପାତ୍ରରେ ପେଟ୍ରୋଲ ଢାଳି ସେଥିରେ ନିଆଁ ଲଗାଯାଇଥିଲା। ଅଗ୍ନିଶମ କର୍ମଚାରୀ ଉକ୍ତ ନିଆଁକୁ ଆୟତ୍ତ କରିବାର ବିଭିନ୍ନ କୌଶଳ ଦେଖାଇଥିଲେ।

## ଜାତୀୟ ପ୍ରେସ୍ ଦିବସ ପାଳିତ

**ବ୍ରହ୍ମପୁର ଅଫିସ୍,୧୬।୧୧**

ବ୍ରହ୍ମପୁରରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ସୁଦୀପ ସାହୁଙ୍କ ସଂଯୋଜନାରେ ଏହି ଅବସରରେ ସୁସ୍ଥ ଓ ସ୍ୱଚ୍ଛ ସମାଜ ଗଠନରେ ଖବରଦାତାଙ୍କ ଭୂମିକା ଶୀର୍ଷକ ଏକ ଆଲୋଚନାଚକ୍ର ହୋଇଥିଲା। ଜ୍ୟୋତି ରଞ୍ଜନ ଦାସ, ଜଗନମୋହନ ମହାପାତ୍ର, ପ୍ରକାଶ ପଟ୍ଟନାୟକ ଓ ଜ୍ଞାନ ରଞ୍ଜନ ରଥ ଆଲୋଚନାଚକ୍ରରେ ଭାଗନେଇ ମନ୍ତବ୍ୟ ରଖିଥିଲେ । ଯୁଗ ବଦଳିବା ସହ ଗଣମାଧ୍ୟମର ପରିଭାଷା ମଧ୍ୟ ବଦଳି ଯାଉଛି । ଏଣୁ ବ୍ୟକ୍ତିଗତ ତଥା ସଂସ୍ଥାର ସ୍ୱାର୍ଥରୁ ଉର୍ଦ୍ଧ୍ୱରେ ରହି ସମାଜର ହିତ ସାଧନ ପାଇଁ ସମସ୍ତେ ଗଠନମୂଳକ ଭୂମିକା ଗ୍ରହଣ କରିବାର ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା। ଏପରିକି କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ପରିସ୍ଥିତିକୁ ଦୃଷ୍ଟିରେ ରଖି ନିଜ ବିବେକ ଅନୁଯାୟୀ କାର୍ଯ୍ୟ କରିବା ଜରୁରୀ ବୋଲି ବକ୍ତାମାନେ କହିଥିଲେ।

## ଅଦରକାରୀରୁ ଶ୍ରେଷ୍ଠ ସୃଷ୍ଟି କୌଶଳ



କାର୍ଯ୍ୟକ୍ରମରେ ଭାଗନେଇଥିବା ଛାତ୍ରୀଛାତ୍ରମାନେ ।

**ବ୍ରହ୍ମପୁର ଅଫିସ୍,୧୬।୧୧**

ଲୋଚାପଡ଼ା ୱାଣ୍ଡର୍ ଷ୍ଟାରଜ ଗ୍ଲୋବାଲ ସ୍କୁଲରେ ବେଷ୍ଟ ଆଉଟ ଅଫ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟତଃ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ନିମନ୍ତେ କୁନି ଶିଶୁମାନେ ବିଭିନ୍ନ ବ୍ୟବହୃତ ଅଦରକାରୀ ସାମଗ୍ରୀକୁ ପୁନଃବ୍ୟବହାର କରି ସୁନ୍ଦର ଓ ବ୍ୟବହାର ଉପଯୋଗୀ ସାମଗ୍ରୀ ତିଆରି କରିଥିଲେ। କୁକୁଡ଼ାଖଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ଦିଲୀପ ପାତ୍ର ଉପସ୍ଥିତ ରହିଥିବା ବେଳେ ସ୍କୁଲ ନିର୍ଦ୍ଦେଶକ ଦିବାକର ପାତ୍ର ଓ ନିର୍ଦ୍ଦେଶିକା ତ୍ରିବେଣୀ ପାତ୍ର, ଏଲ. ଗଣେଶ ଦାସ, ଏଲ. ପ୍ରଭାସ ଦାସ ଉପସ୍ଥିତ ଥିଲେ ।

## ବାର୍ଷିକ କ୍ରୀଡ଼ା ଉତ୍ସବ

**ବ୍ରହ୍ମପୁର ଅଫିସ,୧୬।୧୧:** ସ୍ଥାନୀୟ ସିଟି ହାଇସ୍କୁଲ ଖେଳପଡିଆ ପରିସରରେ ଏସ୍‌ଏଭି ପବ୍ଲିକ ସ୍କୁଲର ୧୩ତମ ବାର୍ଷିକ କ୍ରୀଡା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଶଶି ଏଜୁକେଶନ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦେବୀ ପ୍ରସାଦ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। କାର୍ଯ୍ୟକାରୀ ସଭାପତି କେ. କୃଷ୍ଣମୂର୍ତ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ପରିଚାଳନା ସମିତିର ସମ୍ପାଦକ ପ୍ରଶାନ୍ତ କୁମାର ଦାଶ, ଉପସଭାପତି ସୁମିତ୍ରା ନାୟକ ପରିଚାଳନା କରିଥିଲେ । ଉଭୟ ବାଳିକା, ବାଳକ ବିଭାଗରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ହୋଇଥିଲା । ଶ୍ରବଣ ସ୍କୁଲର ମାନସିକ ଅନଗ୍ରସର ଛାତ୍ରୀଛାତ୍ରଙ୍କ ସମେତ ବିଦ୍ୟାଳୟର ପ୍ରାୟ ୭୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଅଂଶ ଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମକର୍ତ୍ତା ସହଯୋଗ କରିଥିଲେ।


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

## ଅବସରପ୍ରାପ୍ତ କର୍ମଚାରୀଙ୍କୁ ମିଳୁନି ପେନ୍‌ସନ

**ବ୍ରହ୍ମପୁର ଅଫିସ୍,୧୬।୧୧**

ସାଉଥ୍‌କୋ ଅବସରପ୍ରାପ୍ତ କର୍ମଚାରୀ କଲ୍ୟାଣ ସମିତିର ୧୦ମ ବାର୍ଷିକ ସାଧାରଣ ସଭା ସଭାପତି ଭୁବନେଶ୍ୱର ରାଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଗ୍ରୀଡ୍‌କୋ ଅବସରପ୍ରାପ୍ତ କନିଷ୍ଠ ଅର୍ଥ ପରିଚାଳକ ସୀମାଞ୍ଚଳ ସାମନ୍ତରା ମୁଖ୍ୟବକ୍ତା ରୂପେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦକ ବିଶ୍ୱନାଥ ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ । ସେ ଉଲ୍ଲେଖ କରିଥିଲେ ଯେ, ବର୍ତ୍ତମାନ ସମିତିରେ ୫୨୧ ସଭ୍ୟ ଗଞ୍ଜାମ, ଗଜପତି, କନ୍ଧମାଳ ତଥା ବୌଦ୍ଧ ଜିଲାର ଅବସରପ୍ରାପ୍ତ କର୍ମଚାରୀ ଯୋଗ ଦେଇଛନ୍ତି। ଆଗାମୀ ଦିନରେ ସଦସ୍ୟଙ୍କ ସଂଖ୍ୟା ଆହୁରି ବୃଦ୍ଧି କରାଯିବ। ଏଥିସହ ପାରିବାରିକ ପେନ୍‌ସନ୍ ପାଉଥିବା ଭଉଣୀମାନଙ୍କୁ ମଧ୍ୟ ଏହି କଲ୍ୟାଣ ସମିତିରେ ସମ୍ମିଳିତ କରାଯିବ । ସମିତିର ପଞ୍ଜୀକରଣ ୨୦୧୩ ଏପ୍ରିଲ୍ ୨୫ ତାରିଖରେ ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟରେ ହୋଇଥିବା ସେ ପ୍ରକାଶ କରିଥିଲେ । ଇତିମଧ୍ୟରେ ସାଉଥ୍‌କୋ କର୍ତ୍ତୃପକ୍ଷଙ୍କ ସହ ସାକ୍ଷାତ୍ କରାଯାଇ ୨୦୧୯ ସେପ୍ଟେମ୍ବର ପର୍ଯ୍ୟନ୍ତ କର୍ମଚାରୀଙ୍କ ଗ୍ରାଚ୍ୟୁଇଟି ପ୍ରଦାନ କରିବାରେ ସମିତି ସଫଳ ହୋଇପାରିଛି । ୨୦୧୬ ମେ ୧୭ରେ ଗ୍ରୀଡକୋ କର୍ତ୍ତୃପକ୍ଷଙ୍କ ଆଲୋଚନା ମାଧ୍ୟମରେ କିଛିମାସ ଧରି ୧ ତାରିଖରେ ପେନ୍‌ସନ୍ ମିଳୁଥିଲା। ପରେ ସାଉଥ୍‌କୋ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଏବେ କିଛିମାସ ହେଲା ପେନ୍‌ସନ୍ ଠିକ୍ ସମୟରେ ଦିଆ ଯାଉନାହିଁ । ସମିତିର ବିସ୍ତାର ଦୃଷ୍ଟିରୁ ଛତ୍ରପୁର,ଆସ୍କା, ଭଞ୍ଜନଗର, ପାରଳାଖେମୁଣ୍ଡି, ଫୁଲବାଣୀ ଓ ବୌଦ୍ଧରେ ବିଭିନ୍ନ ସଭାସମିତି କରାଯାଇଥିବା ସହ ଅନ୍ୟାନ୍ୟ ଅଞ୍ଚଳ ଗସ୍ତକରି ନୂତନ ସଦସ୍ୟଙ୍କୁ ଏଥିରେ ସାମିଲ କରାଯିବା ସକାଶେ ସମସ୍ତ ସଦସ୍ୟଙ୍କୁ ସେ ଅନୁରୋଧ କରିଥିଲେ । ଅବସରପ୍ରାପ୍ତ କର୍ମଚାରୀମାନଙ୍କ ବିଭିନ୍ନ ସମସ୍ୟା ସେ ଉଲ୍ଲେଖ କରିବା ସହ ସମାଧାନର ପନ୍ଥା କେବଳ ଏକ ସୁଦୃଢ଼ ସଂଗଠନ ମାଧ୍ୟମରେ ହୋଇପାରିବ ବୋଲି କହିଥିଲେ। ସଭାରେ ମୁଖ୍ୟବକ୍ତା ଭାବେ ସାମନ୍ତରା ସମାଜରେ ଅବସରପ୍ରାପ୍ତ କର୍ମଚାରୀଙ୍କ ସ୍ଥିତି,କର୍ତ୍ତବ୍ୟ, ସେମାନଙ୍କ ପ୍ରତି ସମାଜର ଦାୟିତ୍ୱବୋଧ ସଂପର୍କରେ ନିଜ ବ୍ୟକ୍ତବ୍ୟ ରଖିଥିଲେ। ମଞ୍ଚରେ ସମସ୍ତେ ଏକତ୍ରିତ ହେଲେ, ଆମେମାନେ ପରସ୍ପରର ସୁଖଦୁଃଖର ଭାଗୀ ହେବା ସହ ଏକ ସୁସ୍ଥ ନିରାମୟ ଜୀବନ ଯାପନ କରିପାରିବା ବୋଲି ପ୍ରକାଶ କରିଥିଲେ । ସଭାର ସଫଳ ରୂପାୟନରେ ବ୍ରହ୍ମପୁର, ଭଞ୍ଜନଗର, ଆସିକା, ହିଞ୍ଜିଳି, ଛତ୍ରପୁର, ଫୁଲବାଣୀ, ବୌଦ୍ଧ ଓ ପାରଳାଖେମୁଣ୍ଡିର ବହୁ ସଦସ୍ୟ ଯଥା ରାଘବ ଆଚାର୍ଯ୍ୟ, ରାମଚନ୍ଦ୍ର ପାଢ଼ୀ, ପ୍ରହ୍ଲାଦ ବିଷୋୟୀ, କୃଷ୍ଣଚନ୍ଦ୍ର ମହାପାତ୍ର, ଗଣପତି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । ସମିତିର ଯୁଗ୍ମ ସଂପାଦକ ଆର.ତ୍ରିନାଥ ଦୋରା ଧନ୍ୟବାଦ ଦେଇଥିଲେ ।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ରବିବାର, ନଭେମ୍ବର ୧୭/୨୦୧୯ Berhampur, Sunday, November 17/ 2019

## ସଂକ୍ଷେପରେ

### ୧୩୦ ଏକର ଗଞ୍ଜେଇ ଗଛ ନଷ୍ଟ

ଫିରିଙ୍ଗିଆ,୧୬।୧୧- ଫିରିଙ୍ଗିଆ ଥାନା ଅଞ୍ଚଳରେ ଶନିବାର ୧୩୦ ଏକର ଜମିରେ ହୋଇଥିବା ଗଞ୍ଜେଇ ଗଛ କାଟି ନଷ୍ଟ କରାଯାଇଛି। ଯାହାର ଆନୁମାନିକ ମୁଲ୍ୟ ୧୩୦ କୋଟି ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ଗଞ୍ଜେଇ ଗଛ ଲଗା ଯାଇଥିବା ଜାଣିବା ପରେ ଭୃଙ୍ଗିଯୋଡି ପଞ୍ଚାୟତ ମହୁଲିଙ୍ଗିଆ, ଦଡିଲାଇ, କାରୁକାଜା, ଗାଜୁର ଘାଟି ଅଞ୍ଚଳରେ ଚଢ଼ାଉ କରାଯାଇ ବେଆଇନ ଗଞ୍ଜେଇ ଗଛକୁ କାଟି ନଷ୍ଟ କରା ଯାଇଥିଲା। ଏହି ଅଭିଯାନରେ ୨ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲା। ମାଜିଷ୍ଟ୍ରେଟ ଦାୟିତ୍ୱରେ ତହସିଲଦାର ପୁନମ ରାଉତ, ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ, ଅବକାରୀ ଇନ୍ସପେକ୍ଟର ଦେବୀ ମିଶ୍ର ପ୍ରମୁଖ ଏହି ଗଞ୍ଜେଇ କଟା ଅଭିଯାନରେ ସାମିଲ ଥିଲେ।

### ମଦ ଜବତ, ଦୁଇ ଗିରଫ

ଫୁଲବାଣୀ ଅଫିସ, ୧୬।୧୧- ଦେଶୀ ମଦ ବିକ୍ରି ଅଭିଯୋଗରେ ଫୁଲବାଣୀ ଟାଉନ ଥାନା ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ପଟାବାଲି ସାହିର ଧୀରେନ କହଁର ଓ ଫୁଲବାଣୀ ସାହିର ସୁଶାନ୍ତ ସାହୁ। ଉଭୟଙ୍କ ପାଖରୁ ମୋଟ ୧୨ ଲିଟର ମହୁଲି ମଦ ଜବତ ହୋଇଥିବା ଥାନାଧିକାରୀ ନରେଶ କୁମାର ସାହୁ ସୂଚନା ଦେଇଛନ୍ତି।

### ୩ କୋଟିର ଗଞ୍ଜେଇ ଗଛ ପୋଡ଼ାଗଲା

ଆର.ଉଦୟଗିରି, ୧୬।୧୧ (ଡି.ଏନ.ଏ.)- ଆର.ଉଦୟଗିରି ଥାନା ନୂଆଗଡ଼ ବ୍ଲକର ଲିଟିଗୁଡରେ ୩ କୋଟି ଟଙ୍କାର ଗଞ୍ଜେଇ ଚାଷ ପୋଡ଼ିଦିଆଯାଇଛି। ଏହାର ଆନୁମାନିକ ମୂଲ୍ୟ ୩ କୋଟି ଟଙ୍କା ହେବ। ଉକ୍ତ ଅଞ୍ଚଳରେ ଗଞ୍ଜେଇ ଚାଷ ହେଉଥିବା ଖବର ପାଇ ଜିଲାପାଳ ଅନୁପମ ସାହା ଓ ଅବକାରୀ ଅଧୀକ୍ଷକ ପ୍ରମୋଦ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଚଢାଉ କରାଯାଇଥିଲା। ପ୍ରାୟ ୭୨ ଏକର ଜମିରେ ଲାଗିଥିବା ଗଞ୍ଜେଇ ଗଛକୁ କାଟି ପୋଲିସ ଓ ଅବକାରୀ ବିଭାଗ କର୍ମଚାରୀ ଜଳିଦେଇଛନ୍ତି। ଚଢାଉରେ ମୋହନା ତହସିଲଦାର ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବେଳେ ଅବକାରୀ ଆର.ଉଦୟଗିରି, ପାରଳାଖେମୁଣ୍ଡି, ବନ ଏବଂ ରାଜସ୍ୱ କର୍ମଚାରୀ ସାମିଲ ଥିଲେ।

### ବଟେଶ୍ୱର ରାସ୍ତା ସମ୍ପ୍ରସାରଣ ଦାବି ଜୋର ଧରିଲା

ଗଞ୍ଜାମ,୧୬।୧୧(ଡି.ଏନ.ଏ.)- ପ୍ରସିଦ୍ଧ ବଟେଶ୍ୱର ବାଲିଯାତ୍ରା ଗତ ବୁଧବାର ଶେଷ ହୋଇଛି। ବଟେଶ୍ୱର ଶୈବପୀଠଟି ଗଞ୍ଜାମ ବ୍ଲକ କଣ୍ଟିଆଗଡ଼ସ୍ଥିତ ଝାଉଁବଣ ମଧସ୍ଥଳରେ ଅବସ୍ଥିତ। ଏଥିପାଇଁ ପ୍ରତିବର୍ଷ କାର୍ତ୍ତିକ ମାସରେ ଭକ୍ତଙ୍କ ଲମ୍ବା ଧାଡ଼ି ଲାଗିଥାଏ। ହୁମ୍ମା ୧୬ନଂ. ଜାତୀୟ ରାଜପଥରୁ ୪ କିମି ଅଣଓସାରିଆ ରାସ୍ତା ଦେଇ ଗଲେ ବଟେଶ୍ୱର ଶୈବପୀଠ ପଡ଼େ। ସଂକୀର୍ଣ୍ଣ ରାସ୍ତା ଯୋଗୁ ପ୍ରତିବର୍ଷ ଟ୍ରାଫିକ ସମସ୍ୟା ଦେଖାଦେବା ଫଳରେ ପର୍ଯ୍ୟଟକଙ୍କ ମହଲରେ ଅସନ୍ତୋଷ ଦେଖାଦେଇଛି। ଉକ୍ତ ରାସ୍ତା ସମ୍ପ୍ରସାରଣ ପାଇଁ ସ୍ଥାନୀୟ ସରପଞ୍ଚ ଦିଲିପ ଛଟରାଏଙ୍କ ସମେତ ମନ୍ଦିର ପରିଚାଳନା କମିଟି ତଥା ୬ ଖଣ୍ଡ ଗ୍ରାମବାସୀ ଦାବି କରିଛନ୍ତି। ଚଳିତବର୍ଷ ବାଲିଯାତ୍ରାରେ ୫୦ ହଜାରରୁ ଉର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିବା କମିଟି କହିଛି। ଏନେଇ କମିଟି ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବ ବୋଲି ଗଣମାଧମକୁ ସୂଚନା ଦେଇଛି।

## ଆବାସ ଯୋଜନା ପାଇଁ ମିଳୁନି ଇଟା

# ଆନ୍ଧ୍ରରୁ ଚଢ଼ା ଦରରେ କିଣୁଛନ୍ତି ହିତାଧିକାରୀ

ପାତ୍ରପୁର,୧୬।୧୧(ଡି.ଏନ୍.ଏ.)

ପାତ୍ରପୁର ବ୍ଲକ ବି.ନୂଆଗାଁର, ପମଗାଁ ଓ ଭୀମପୁରରେ ଗଢିଉଠିଥିବା ଇଟାଭାଟିକୁ ପ୍ରଦୂଷଣ କଣ୍ଟ୍ରୋଲ ବୋର୍ଡ଼ ଓ ଗଂଜାମ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ପାତ୍ରପୁର ତହସିଲ ପକ୍ଷରୁ ସିଲ୍ କରାଯାଇଛି। ଫଳରେ ବ୍ଲକର ବିଭିନ୍ନ ଗ୍ରାମରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ସହ ଆବାସ ହିତାଧିକାରୀଙ୍କୁ ଇଟା ମିଳୁନି। ୨ମାସ ତଳେ ଅଞ୍ଚଳର ୪ଟି ପୋଡାଇଟା ଭାଟିକୁ ପ୍ରଦୂଷଣ କାରଣରୁ ପ୍ରଶାସନ ସିଲ୍ କରିଦେଇଥିଲା। ସେହିଦିନରୁ ହିତାଧିକାରୀମାନେ ଆନ୍ଧ୍ରପ୍ରଦେଶର ଇଚ୍ଛାପୁର, କାଞ୍ଚୁଲି ଓ ସୋମ୍‌ପେଣ୍ଟା ଭାଟିରୁ ଟ୍ରକ ପିଛା ଅଧିକା ଅର୍ଥ ଦେଇ ଇଟା କିଣୁଥିଲେ। ବର୍ତ୍ତମାନ ସେଠାରେ


ସିଲ୍ କରାଯାଇଥିବା ଇଟାଭାଟି।

- ୨୫ଶହରୁ ଉର୍ଦ୍ଧ୍ୱ ପକ୍କାଘର ନିର୍ମାଣ ଚାଲିଛି
- ସିମେଣ୍ଟ ଇଟା ପ୍ରସ୍ତୁତି ତାଲିମ ଫେଲ୍

ଇଟା ସରିଯିବାରୁ ଯୋଗାଣରେ ସମସ୍ୟା ଦେଖାଦେଇଛି। ତିତ୍‌ଲି ବାତ୍ୟା ପରେ ଆଦିବାସୀ ଅଧ୍ୟୁଷିତ ବୁରାତାଲ, ତୁମ୍ବା ଓ ଆଙ୍କୁଲି ପଞ୍ଚାୟତରେ ୯୯୭ ପରିବାରଙ୍କୁ ପକ୍କାଘର ଲାଗି କାର୍ଯ୍ୟାଦେଶ ମିଳିଥିବାବେଳେ କେତେକ ପରିବାରକୁ ଆବାସ ଯୋଜନା ଓ ନିର୍ମାଣ ଶ୍ରମିକ ଯୋଜନାରେ ଘର ତିଆରି ପାଇଁ କାର୍ଯ୍ୟାଦେଶ ମିଳିଛି। ବର୍ତ୍ତମାନ ବ୍ଲକର ବିଭିନ୍ନ ଗ୍ରାମରେ ୨୫ଶହରୁ ଉର୍ଦ୍ଧ୍ୱ ଘର କାମ ଚାଲିଛି। ଇଟା ଅଭାବ ହିତାଧିକାରୀଙ୍କ ଚିନ୍ତା ବଢ଼ାଉଛି। ତିତ୍‌ଲି ପରେ ପ୍ରଶାସନ ସିମେଣ୍ଟ ଇଟା ବ୍ୟବହାର ପାଇଁ ଜନସାଧାରଣଙ୍କୁ ସଚେତନ କରିବା ସହ ତାଲିମଦାତା ଆଣି ତାଲିମ ଦେଇଥିଲେ। ହେଲେ ତାଲିମ ଶେଷ ନ ହେଉଣୁ ତାଲିମଦାତା ଚାଲି ଯାଇଥିଲେ। ଏପଟେ ସରକାରୀ ନିର୍ଦ୍ଦେଶନାମା ନ ଆସିବା ଯାଏ ଜବତ ଇଟା ଭାଟିକୁ ଖୋଲା ଯିବନି ବୋଲି ତହସିଲ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଆସିଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ହିତାଧିକାରୀ ଦାବି କରିଛନ୍ତି।

## ଗଞ୍ଜେଇ ଜବତ, ୨ ଗିରଫ



ଜବତ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତ।

ଫିରିଙ୍ଗିଆ,୧୬।୧୧

ଫିରିଙ୍ଗିଆ ଥାନା ପୋଲିସ ପଲାବୁଡି ପଞ୍ଚାୟତ ମୁସେଲିପାଂଗା ରାସ୍ତା ମାଝିପଡା ଗ୍ରାମରେ ଚଢ଼ାଉ କରି ଏକ ପିକ୍‌ଅପ ଭ୍ୟାନରୁ ୧୦୩ କେଜି ଗଞ୍ଜେଇ ଜବତ କରିବା ସହ ୨ଜଣ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ମାମାରିଆ ଗ୍ରାମର ବିଦ୍ୟାଧର ସାହୁ ଓ ଦେବଗଡ ଜିଲା ବିଜାନଳୀ ଗ୍ରାମର ତରଣୀ ସାହୁ। ସୂଚନା ଅନୁଯାୟୀ, ପିକ୍‌ଅପ ଭ୍ୟାନ (ଓଡି୦୫ ଏଏଫ-୫୪୦୭)ରେ ଗଞ୍ଜେଇ ବୋଝେଇ ହୋଇ ମୁସେଲିପାଙ୍ଗାରୁ ଅନୁଗୋଳ ଅଭିମୂଖେ ଆସୁଥିଲା। ପୋଲିସ ଖବର ପାଇ ମାଝିପଡା ରାସ୍ତାରେ ଯାଞ୍ଚ କରୁଥିଲେ। ଉକ୍ତ ରାସ୍ତାଦେଇ ଗାଡି ଅତିକ୍ରମ କଲାବେଳେ ପୋଲିସ ଅଟକାଇ ଯାଞ୍ଚ କରି ଗଞ୍ଜେଇ ଜବତ କରିଥିଲା। ଏନେଇ ନଂ.୧୦୦/୧୯ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ପି.ଶ୍ୟାମସୁନ୍ଦର ରାଓ ସୂଚନା ଦେଇଛନ୍ତି।

## ସମୁଦ୍ରରେ ପୋଲିସ ପକ୍ଷରୁ ପାଟ୍ରୋଲିଂ ଆରମ୍ଭ

ଛତ୍ରପୁର,୧୬।୧୧(ଡି.ଏନ.ଏ)

ଆର୍ଯ୍ୟପଲ୍ଲୀ ମେରାଇନ୍ ଥାନା ପକ୍ଷରୁ ସମୁଦ୍ରରେ ସ୍ୱତନ୍ତ୍ର ବୋଟ୍ ଦ୍ୱାରା ପାଟ୍ରୋଲିଂ ଆରମ୍ଭ ହୋଇଛି । ମେରାଇନ୍ ଥାନା ଅଧୀନରେ ଗଞ୍ଜାମ ବ୍ଲକର ପ୍ରୟାଗୀଠାରୁ ହରିପୁର ପର୍ଯ୍ୟନ୍ତ ୩୩ କି.ମି. ପର୍ଯ୍ୟନ୍ତ ସମୁଦ୍ର ମଧ୍ୟରେ ନିୟମିତ ପାଟ୍ରୋଲିଂ କରାଯିବ । ସମୁଦ୍ରରେ କୌଣସି ବାହାର ଦେଶରୁ ଆସୁଥିବା ବୋଟ୍ ଉପରେ ଉକ୍ତ ଥାନା ପକ୍ଷରୁ ନଜର ରଖାଯାଉଛି । ସ୍ୱତନ୍ତ୍ର ବୋଟକୁ ଚଳାଇବା ପାଇଁ ୭ ଟେକ୍ନିକାଲ କର୍ମଚାରୀ ରହିଛନ୍ତି। ୨୦୦୮ରେ ବମ୍ବେରେ ସମୁଦ୍ରପଥ ଦେଇ ଆସିଥିବା ଆତଙ୍କବାଦୀ ଆକ୍ରମଣ କରିଥିଲେ। ଏହାପରେ


ସମୁଦ୍ରରେ ବୋଟରେ ପାଟ୍ରୋଲିଂ ଚାଲିଛି ।

ଗଞ୍ଜାମ ଜିଲାର ଆର୍ଯ୍ୟପଲ୍ଲୀ ଓ ଟିକିଟି ଅଞ୍ଚଳରେ ମେରାଇନ୍ ଥାନା ପ୍ରତିଷ୍ଠା ହୋଇଥିଲା । ସୂଚନାଯୋଗ୍ୟ, ଆର୍ଯ୍ୟପଲ୍ଲୀ ମେରାଇନ୍ ଥାନାର ୨ଟି ଯାକ ବୋଟ୍ ଅଚଳ ହୋଇ ଦୀର୍ଘ ବର୍ଷ ହେଲା ପୋର୍ଟ ପରିସରରେ ରହିଥିଲା । ଆବଶ୍ୟକ ପଡିଲେ ସ୍ଥାନୀୟ ଡଙ୍ଗାକୁ ନେଇ ମେରାଇନ୍ ଥାନା ପୋଲିସ ସମୁଦ୍ରରେ ପାଟ୍ରୋଲିଂ କରୁଥିଲା । ଗତ ଅଗଷ୍ଟ ମାସରେ ଏହି ସ୍ୱତନ୍ତ୍ର ବୋଟ ଆସିଥିଲା ।

## ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ଛତ୍ରପୁର,୧୬।୧୧(ଡି.ଏନ.ଏ)

ଗଞ୍ଜାମ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଶନିବାର ସନ୍ଧ୍ୟାରେ ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଅନୁଷ୍ଠିତ ସଭାରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଥିବା କହିଥିଲେ । ମୁଖ୍ୟବକ୍ତା ଭାବେ ଗଣମାଧ୍ୟମ ବ୍ୟକ୍ତିତ୍ୱ ରବି ରଥ ଯୋଗଦେଇ ଏହି ଦିବସ ପାଳନର ବିଭିନ୍ନ ଦିଗ ଉପରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ମନୋଜ ଦାଶ, ଜିଲା ପରିଷଦ ଉପାଧ୍ୟକ୍ଷା ସ୍ନେହଲତା ପଣ୍ଡା, ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ, ଓକିଲ ଗୋକୁଳଚନ୍ଦ୍ର ପଣ୍ଡା ଓ ମନୋଜ ପାଢୀ ପ୍ରମୁଖଙ୍କ ସମେତ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗ ଦେଇଥିଲେ । ଜିଲାସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିରଞ୍ଚି ନାରାୟଣ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଛତ୍ରପୁର,୧୬।୧୧(ଡି.ଏନ.ଏ.)

ଗଞ୍ଜାମ ବ୍ଲକ ଯୁଡିଏସପୁର ଗାଁର ରାମକୃଷ୍ଣ ତ୍ରିପାଠୀଙ୍କୁ ଶନିବାର କାତିରେ ମରଣାନ୍ତକ ଆକ୍ରମଣ ହୋଇଛି। ଆହତ ଅବସ୍ଥାରେ ତାଙ୍କୁ ଛତ୍ରପୁର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ପୂର୍ବ ଶତ୍ରୁତା ଓ ଫସଲକୁ କେନ୍ଦ୍ର କରି ଗାଁର ଜଣେ ବ୍ୟକ୍ତି ଓ ତାଙ୍କର ୨ ପୁଅଙ୍କ ସହ ରାମକୃଷ୍ଣଙ୍କର ବଚସା ହୋଇଥିଲା। ପରେ ବାପ, ପୁଅ କାତିରେ ଆକ୍ରମଣ କରିଥିଲେ ବୋଲି ରାମକୃଷ୍ଣ ଅଭିଯୋଗ କରିଛନ୍ତି।

■ ବାଲିଗୁଡ଼ା ଏନ୍‌ଏସି: ହୋଇ ପାରିଲାନି ଅନାସ୍ଥା ବୈଠକ

## ଅଧ୍ୟକ୍ଷା, ଉପାଧ୍ୟକ୍ଷଙ୍କ ପଦବୀ କାଏମ

ବାଲିଗୁଡା,୧୬।୧୧(ଡି.ଏନ.ଏ)

ବାଲିଗୁଡା ଏନ୍‌ଏସି ଅଧ୍ୟକ୍ଷା ମମତା ବେହେରା ଓ ଉପାଧ୍ୟକ୍ଷ ଲୋକନାଥ ପାଢୀଙ୍କ ବିରୋଧରେ ଶନିବାର ଅନାସ୍ଥା ଭୋଟ ହୋଇପାରିନି। ଅନାସ୍ଥା ଉପରେ ଅଧ୍ୟକ୍ଷା ମମତା ହାଇକୋର୍ଟଙ୍କଠାରୁ ରହିତାଦେଶ ଆଣିଥିଲେ। ଉକ୍ତ ଆଦେଶପତ୍ରକୁ ସେ ଜିଲାପାଳ ଓ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲେ । ଏହାକୁ ଆଧାର କରି ଅନାସ୍ଥା ବୈଠକକୁ ଆସିଥିବା ଉପଜିଲାପାଳ ରାଜେନ୍ଦ୍ର ରଣଜିତ ଅଧ୍ୟକ୍ଷା ମମତାଙ୍କ ପଦବୀ କାଏମ ରଖିଥିଲେ। ସେହିପରି ଅପରାହ୍ନରେ ଉପାଧ୍ୟକ୍ଷ ଲୋକନାଥ ପାଢୀଙ୍କ ବିରୋଧରେ ଥିଲା ଅନାସ୍ଥା ଭୋଟ। ହେଲେ ତାଙ୍କ ବ୍ୟତୀତ ଅନ୍ୟ କୌଣସି କାଉନସିଲର ଭୋଟ ପାଇଁ ଯାଇ ନ ଥିଲେ। ତେଣୁ ଉପାଧ୍ୟକ୍ଷ ଲୋକନାଥଙ୍କ ପଦ କାଏମ ରହିଲା ବୋଲି ନିର୍ବାଚନ ଦାୟିତ୍ୱରେ ଥିବା ଉପଜିଲାପାଳ ଘୋଷଣା କରିଥିଲେ। ସୂଚନାଯୋଗ୍ୟ, ଅଧ୍ୟକ୍ଷା ଏବଂ ଉପାଧ୍ୟକ୍ଷଙ୍କ ବିରୋଧରେ ବିଜେଡିର ୭ କାଉନସିଲର ଅନାସ୍ଥା ପ୍ରସ୍ତାବ ଆଣିଥିଲେ।

## ଶିକ୍ଷାକେନ୍ଦ୍ରର କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ


ଅଭିଭାବକ ଓ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା।

ଜି.ଉଦୟଗିରି,୧୬।୧୧(ଡି.ଏନ.ଏ.)

ସ୍ଥାନୀୟ ଫରେଷ୍ଟ ଟ୍ରେନିଂ ସ୍କୁଲ ଖେଳ ପଡ଼ିଆରେ ସ୍ୱାମୀ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ତରଫରୁ ୨ଦିନ ଧରି ଚାଲିଥିବା ୧୯ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଜୁନିୟର ଓ ସିନିୟର ବର୍ଗର ୩୦୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ଆରମ୍ଭ ହୋଇଥିବା ଏହି କ୍ରୀଡ଼ା ପ୍ରତିଯୋଗିତାର ସମ୍ପାଦକ ଅରୁଣ କୁମାର ଷଡ଼ଙ୍ଗୀ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ ସସ୍ମିତା ଦଲବେହେରା, ନନ୍ଦିନୀ ସୁବୁଦ୍ଧି, ସୁଜନ ସାହୁ, ଶୁଭମ ସାହୁ, ସ୍ୱାଗତିକା ପାତ୍ର ପ୍ରମୁଖ ଛାତ୍ରୀଛାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଅଭିଭାବକ ଓ ଶିକ୍ଷାନୁଷ୍ଠାନ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଶିକ୍ଷାକେନ୍ଦ୍ର ତରଫରୁ ଆୟୋଜିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାକୁ ପ୍ରଧାନାଚାର୍ଯ୍ୟ ଅନିତା ସ୍ୱାଇଁଙ୍କ ସହ କ୍ଷେତ୍ରନି ନାୟକ, ଶୁଭଶ୍ରୀ ଚୌଧୁରୀ, ସ୍ୱପ୍ନାରାଣୀ ଦାଶ, ସୁକନ୍ୟା ନାୟକ, ସ୍ନେହଲତା ନାୟକ, ବର୍ଷାରାଣୀ ପଣ୍ଡା, ଉସ୍ମିତା ମାଝୀ ପ୍ରମୁଖ ସହଯୋଗ କରିଥିଲେ।

## ସାମାଜିକ କାର୍ଯ୍ୟରେ ଗଣମାଧ୍ୟମ ପ୍ରତିନିଧି ଆଗଭର ହୁଅନ୍ତୁ

ଫୁଲବାଣୀ ଅଫିସ, ୧୬।୧୧

ଗଣମାଧ୍ୟମ ସମାଜର ପଥପ୍ରଦର୍ଶକ। ପ୍ରଶାସନ ଏବଂ ଗଣମାଧ୍ୟମ ପରସ୍ପର ପରିପୂରକ। ଦେଶ, ରାଜ୍ୟ ସମେତ ଜିଲାର ବିକାଶ ଦିଗରେ ଗଣମାଧ୍ୟମର ପ୍ରମୁଖ ଭୂମିକା ରହିଛି। ଗଣମାଧ୍ୟମ ପ୍ରତିନିଧିମାନେ ଭଲ ଖବର ପରିବେଷଣ କରିବା ସହ ସାମାଜିକ କାର୍ଯ୍ୟରେ ମଧ୍ୟ ଆଗଭର ହେବା ଆବଶ୍ୟକ ବୋଲି ଫୁଲବାଣୀଠାରେ ଆୟୋଜିତ ଜାତୀୟ ପ୍ରେସ୍ ଦିବସ ଅବସରରେ ମତ ପ୍ରକାଶ ପାଇଛି। ସ୍ଥାନୀୟ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଆଲୋଚନାଚକ୍ରରେ କନ୍ଧମାଳ ଜିଲାପାଳ ଡା. ବୃନ୍ଦା ଡି. ମୁଖ୍ୟଅତିଥି ଭାବେ ଯୋଗଦେଇ ବିଭିନ୍ନ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ଖବର ସଂଗ୍ରହ ପାଇଁ ଖବରଦାତାଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଖବର ସଂଗ୍ରହ ଓ ଅନ୍ୟାନ୍ୟ କ୍ଷେତ୍ରରେ ସାମ୍ବାଦିକମାନେଙ୍କ ସମସ୍ୟା ପ୍ରତି ଜିଲା ପ୍ରଶାସନ ସଜାଗ ରହିଛି। ଉପଯୁକ୍ତ ଫୋରମ୍ ମାଧ୍ୟମରେ ଅଭିଯୋଗ ଆସିଲେ ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଥିଲେ। ଜିଲାର ବିଭିନ୍ନ ସମସ୍ୟା ଏବଂ ଲୋକଙ୍କ ଦାବି ପରିବେଷଣ କରିବାକୁ ଖବରଦାତାଙ୍କୁ ଆହ୍ୱାନ ଦେଇଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପ୍ରେସ୍ କ୍ଲବ ସଭାପତି ଶିବ ପ୍ରସାଦ ତ୍ରିପାଠୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଏହି ଦିବସ ଉପଲକ୍ଷେ ଉଚ୍ଚ ବିଦ୍ୟାଳୟସ୍ତରୀୟ ଓଡ଼ିଆ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ଫୁଲବାଣୀ ସରସ୍ୱତୀ ଶିଶୁବିଦ୍ୟାମନ୍ଦିରର ଛାତ୍ରୀ ମଧୁସ୍ମିତା ମିଶ୍ର, ତୁଡ଼ିପାଜୁ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପଦ୍ମିନୀ ଗଣ୍ଡା ଏବଂ ଫୁଲବାଣୀ ସତ୍ୟସାଇ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ତପସ୍ୱିନୀ ବେହେରା, ମହାବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତାରେ ଫୁଲବାଣୀ ସରକାରୀ କନିଷ୍ଠ ମହାବିଦ୍ୟାଳୟର ଛାତ୍ରୀ ସ୍ୱାଗତିକା ତ୍ରିପାଠୀ, ଫୁଲବାଣୀ ସମାଜସେବା ମହାବିଦ୍ୟାଳୟର ଛାତ୍ରୀ ବିଜୟିନୀ ସାହୁ ଏବଂ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟର ସୁଦର୍ଶନ ଦେହୁରୀ ଓ ଲଫିନ୍‌ସନ୍ ସାହୁଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

## ଲୋକଲୋଚନରୁ ଦୂରରେ ମଣ୍ଡାସରୁ ଜଳପ୍ରପାତ


ମଣ୍ଡାସରୁରେ ଥିବା ଜଳ ପ୍ରପାତ।

ରାଇକିଆ,୧୬।୧୧(ଡି.ଏନ୍.ଏ.)

କନ୍ଧମାଳ ଜିଲାକୁ ପ୍ରତ୍ୟେକ ବର୍ଷ ଶୀତ ଋତୁ ଆରମ୍ଭରୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଏହି ଜିଲାର ବିଭିନ୍ନ ପର୍ଯ୍ୟଟନ କେନ୍ଦ୍ରରେ ପ୍ରବଳ ଭିଡ଼ ଜମିଥାଏ। ରାଇକିଆ ବ୍ଲକ ମଣ୍ଡାସରୁ ଇକୋ ଟୁରିଜିମରେ ମଧ୍ୟ ପର୍ଯ୍ୟଟକଙ୍କ ଭିଡ଼ ଆରମ୍ଭ ହୋଇଛି। ମଣ୍ଡାସୁଠାରେ ଥିବା ଏକ ଜଳପ୍ରପାତ ଦେଖିବା ପାଇଁ ପର୍ଯ୍ୟଟକଙ୍କ ଆଗ୍ରହ ଥିଲେ ମଧ୍ୟ ସେଠାରେ ପହଞ୍ଚିବା ପାଇଁ କୌଣସି ସୁବିଧା ନାହିଁ। ଏହା ଲଟାବୁଦାରେ ଭର୍ତ୍ତି ହୋଇଛି। ଭଲ ରାସ୍ତା ନ ଥିବାରୁ ମଣ୍ଡସରୁ ପ୍ରତି ପର୍ଯ୍ୟଟକଙ୍କ ଆଗ୍ରହ କମୁଛି। ବନ ବିଭାଗ ପକ୍ଷରୁ ମଧ୍ୟ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇନାହିଁ। ଫଳରେ ବିଭିନ୍ନ ସ୍ଥାନରୁ ଆସୁଥିବା ପର୍ଯ୍ୟଟକ କେବଳ ୱାଚ ଟାୱାର ଉପରୁ ହିଁ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରି ଫେରୁଛନ୍ତି। ଏହାର ପାରିପାର୍ଶ୍ୱିକ ବିକାଶ ପାଇଁ ସେଭଳି କିଛି ଗୁରୁତ୍ୱ ଦିଆଯାଇନାହିଁ। ପଶ୍ଚିମବଙ୍ଗରୁ ଆସିଥିବା ପର୍ଯ୍ୟଟକ ସୁମିତ୍ରା ସେନ କହିଛନ୍ତି, ପ୍ରାକୃତିକ ସୌନ୍ଦର୍ଯ୍ୟ ଦୃଷ୍ଟିରୁ ଏହି ସ୍ଥାନ ବୁଲାବୁଲି ପାଇଁ ଉପଯୁକ୍ତ ଥିଲେ ମଧ୍ୟ ନିକଟରେ ଥିବା ଜଳ ପ୍ରପାତକୁ କିପରି ପର୍ଯ୍ୟଟକ ପହଞ୍ଚିବେ ସେ ନେଇ କୌଣସି ବ୍ୟବସ୍ଥା ନାହିଁ । ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ଏ ନେଇ ରେଞ୍ଜର ସୁନିଲ ସାହୁ କହିଛନ୍ତି, ଜଳ ପ୍ରପାତକୁ ଯାଇଥିବା ରାସ୍ତା ସଫା କରାଯାଇ ପର୍ଯ୍ୟଟକ କିପରି ପହଞ୍ଚି ପାରିବ ସେ ନେଇ ଶୀଘ୍ର ବ୍ୟବସ୍ଥା କରାଯିବ। ଏଥିସହ ସେଠାରେ ଦୂରରୁ ୱାଚ ଟାୱାର ଦ୍ୱାରା ଯେପରି ଉପଭୋଗ କରିହେବ ସେ ନେଇ କାର୍ଯ୍ୟକାରୀ କରାଯିବା ପାଇଁ ଯୋଜନା ରହିଥିବା କହିଛନ୍ତି।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ